## ସଂକ୍ଷେପରେ

### ଋଣ ବୋଝ: କୀଟନାଶକ ପିଇଦେଲେ ଚାଷୀ



ମାଧପୁର, ୧୯।୬- ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ବାସୁଦେବପୁର ପଞ୍ଚାୟତ ଭୋଇପଡା ଗ୍ରାମର ଚାଷୀ ରଞ୍ଜିତ ପ୍ରଧାନ(୩୬) ବୁଧବାର କୀଟନାଶକ ପିଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ଋଣ ବୋଝ ଯୋଗୁ ଭାରାକ୍ରାନ୍ତ ହୋଇ ସେ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ରଞ୍ଜିତ ବିଭିନ୍ନ ବ୍ୟାଙ୍କରୁ ଲକ୍ଷାଧିକ ଟଙ୍କା କରଜ କରିଛନ୍ତି। ଅର୍ଥାଭାବ ଯୋଗୁ ଟଙ୍କା ଶୁଝି ନ ପାରିବା ଓ ପରିବାର ପ୍ରତିପୋଷଣ ନେଇ ସେ ଚିନ୍ତାରେ ରହୁଥିଲେ। ବୁଧବାର ମାନସିକ ଭାରସାମ୍ୟ ହରାଇ ସେ କୀଟନାଶକ ପିଇଦେଇଥିଲେ। ତାଙ୍କ ସ୍ତ୍ରୀ ସଙ୍ଗେ ସଙ୍ଗେ ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ କିଆକଟା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ବୌଦ୍ଧ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଯାଇ ଘରଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତୁରନ୍ତ ତାଙ୍କ ପରିବାରକୁ ସହାୟତା ଯୋଗାଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ସାପଘରା-ବାତ୍ରାଖୋଳ ରାସ୍ତା ଶୋଚନୀୟ

ବଇଣ୍ଡା, ୧୯।୬(ଡି.ଏନ୍.ଏ.)- ଆଠମଲ୍ଲିକ ବ୍ଲକ ସାପଘରା ପଞ୍ଚାୟତ ସାପଘରା-ବାତ୍ରାଖୋଳ ଗ୍ରାମକୁ ଯାଇଥିବା ୮ କିମି ରାସ୍ତା ଶୋଚନୀୟ ହୋଇପଡିଛି। ଫଳରେ ଲୋକେ ଯାତାୟାତରେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏଥିଯୋଗୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଉକ୍ତ ରାସ୍ତା ଉପରେ ସାପଘରା, ବାତ୍ରାଖୋଳ, ରାଇନାଳୀ, ଆମ୍ବନାଳୀ ଆଦି ଗ୍ରାମର ୨ ହଜାରରୁ ଉର୍ଦ୍ଧ୍ୱ ପରିବାର ନିର୍ଭର କରନ୍ତି। ରାସ୍ତାସାରା ଖାଲଖମାରେ ଭର୍ତ୍ତି ହୋଇଥିବାରୁ ଗାଡ଼ିମୋଟର ଚଳାଚଳ କଷ୍ଟକର ହେଉଛି। ୩ କିମି ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ପକ୍କା ରାସ୍ତାରୁ ପିଚୁ ଉଠିଯିବା ସହ ବଡ ବଡ ଗର୍ତ୍ତମାନ ସୃଷ୍ଟି ହୋଇଛି। ସେଠାରେ ନୂତନ ଭାବେ ପକ୍କା ରାସ୍ତା ନିର୍ମାଣ କରାଯିବା ଦାବି ସତ୍ତ୍ୱେ କେହି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ଏଥପ୍ରତି ଆଠମଲ୍ଲିକ ବିଧାୟକ ଗୁରୁତ୍ୱ ଦେଇ ପୂର୍ତ୍ତ ବିଭାଗ ଜରିଆରେ ରାସ୍ତା ନିର୍ମାଣ କରାଯିବାକୁ ଦାବି ହୋଇଛି।

## ■ହୋଲ୍ଡିଂ ଟିକସ ଆଦାୟରେ ପକ୍ଷପାତିତା ଅଭିଯୋଗ

# ସରକାରୀ କାର୍ଯ୍ୟାଳୟ ପ୍ରତି ଅନୁକମ୍ପା

**ଅନୁଗୋଳ ଅଫିସ, ୧୯।୬**




■ବର୍ଷ ବର୍ଷ ଧରି ଆଦାୟ ହେଉନି ଟିକସ

■କେତେ ବକେୟା ପଡ଼ିଛି ଦିଆଯାଉନି ତଥ୍ୟ

■ନିର୍ବାହୀ ଅଧିକାରୀ କହିଲେ ୩ ମାସ ଲାଗିବ

ଅନୁଗୋଳ ପୌରପାଳିକାର ଆୟ ବୃଦ୍ଧି ଉପରେ ଗୁରୁତ୍ୱ ଦେଉଛନ୍ତି ଜିଲାପାଳ ମନୋଜ କୁମାର ମହାନ୍ତି। ବିଭିନ୍ନ ସମୀକ୍ଷା ବୈଠକରେ ଏ ନେଇ ପୌର ପ୍ରଶାସନକୁ ସେ ବାରମ୍ବାର ପରାମର୍ଶ ଦେଉଛନ୍ତି। ତଦନୁଯାୟୀ ପୌରପାଳିକା ପକ୍ଷରୁ ମଧ୍ୟ ଟିକସ ଆଦାୟକୁ ଜୋରଦାର କରାଯାଇଛି। ବିଶେଷକରି ହୋଲଡିଂ ଟିକସ ଆଦାୟରେ ଚଳିତବର୍ଷ ସର୍ବକାଳୀନ ରେକର୍ଡ କରିଛି ଅନୁଗୋଳ ପୌରପାଳିକା। ଯଦିଓ ଦିଆଯାଇଥିବା ଟାର୍ଗେଟ୍ ପୂରଣ ହୋଇପାରି ନାହିଁ ତଥାପି ଏ ନେଇ ପୌର କର୍ତ୍ତୃପକ୍ଷ ନିଜକୁ ନିଜେ ପ୍ରଶଂସା କରିସାରିଛନ୍ତି। ହେଲେ ବର୍ଷ ବର୍ଷ ଧରି ବକେୟା ରଖିଥିବା ସରକାରୀ କାର୍ଯ୍ୟାଳୟଗୁଡ଼ିକରୁ କେତେ ଟଙ୍କା ଏ ବାବଦରେ ଆଦାୟ ହୋଇଛି ଓ କେତେ ଟଙ୍କା ଏବେ ବି ବାକି ପଡ଼ିଛି ତାହା ଜଣାଇବାକୁ ପଛଘୁଞ୍ଚା ଦେଉଛନ୍ତି କର୍ତ୍ତୃପକ୍ଷ। ଏ ନେଇ ଟିକସ ଦେଉଥିବା ସହରବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ପୌରାଞ୍ଚଳରେ ଘର କରିବା ସହ ବିଭିନ୍ନ ସେବା ଉପଭୋଗ କରୁଥିବା ଲୋକଙ୍କଠାରୁ ଆରମ୍ଭ କରି ସରକାରୀ କାର୍ଯ୍ୟାଳୟଗୁଡ଼ିକରୁ ପୌର ପ୍ରଶାସନ ହୋଲଡିଂ ଟିକସ ଆଦାୟ କରୁଛନ୍ତି। କିନ୍ତୁ ଏହି ଟିକସ ଆଦାୟ ବେଳେ ପୌର କର୍ତ୍ତୃପକ୍ଷ ପକ୍ଷପାତିତା କରୁଥିବା ସହରବାସୀ ଅଭିଯୋଗ କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ଲୋକଙ୍କଠାରୁ ଏହି ଟିକସ ଆଦାୟ ପାଇଁ ପୌର ପ୍ରଶାସନ ଯେତିକି ତତ୍ପରତା ଦେଖାଉଛି ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ସେତିକି ଅନୁକମ୍ପା ପ୍ରଦର୍ଶନ କରୁଛି। ସହରବାସିନ୍ଦାଙ୍କ ପରି ସରକାରୀ କାର୍ଯ୍ୟାଳୟଗୁଡ଼ିକ ମଧ୍ୟ ସମ ପରିମାଣର ସେବା ପାଉଛନ୍ତି। ଏହା ବଦଳରେ କିନ୍ତୁ ଟିକସ ଦେବାରେ ସରକାରୀ କାର୍ଯ୍ୟାଳୟଗୁଡ଼ିକ ପଛରେ ଅଛନ୍ତି। ବର୍ଷ ବର୍ଷ ଧରି ବକେୟା ଗଡୁଥିଲେ ବି ତାହା କିପରି ଆଦାୟ ହେବ ସେ ଉପରେ ପ୍ରଶାସନ ଗୁରୁତ୍ୱ ଦେଉନାହିଁ। ଫଳରେ ପୌର ପାଳିକାର ଆୟ ଯେତିକି ହେବା କଥା ତାହା ହେଉନାହିଁ। ପୌରପାଳିକାକୁ ହୋଲଡିଂ ଟିକସ ବାବଦରେ ୩ କୋଟି ୬୦ ଲକ୍ଷ ଟଙ୍କା ଆଦାୟର ଟାର୍ଗେଟ ଦିଆଯାଇଥିଲା। ସେଥିରୁ ୯୨ ପ୍ରତିଶତ ଅର୍ଥାତ୍ ୩ କୋଟି ୨୮ ଲକ୍ଷ ଟଙ୍କା ଆଦାୟ ହୋଇପାରିଛି। ଏଥିରେ ସରକାରୀ କାର୍ଯ୍ୟାଳୟର ବହୁ ବକେୟା ଅର୍ଥ ସାମିଲ ଥିବା ପୌରନିର୍ବାହୀ ଅଧିକାରୀ ଶୁଭେନ୍ଦୁ ଜେନା ପୂର୍ବରୁ ସୂଚନା ଦେଇଥିଲେ। କିନ୍ତୁ ବର୍ଷ ବର୍ଷ ଧରି ଏହି ଟିକସ ଫାଙ୍କିବାରେ ସରକାରୀ କାର୍ଯ୍ୟାଳୟ କେତେ ଆଗରେ ରହିଛି ସେ ବିଷୟରେ ମୁହଁ ଖୋଲୁନାହାନ୍ତି ପୌର ଅଧିକାରୀ। ଏ ନେଇ ତଥ୍ୟ ପୌରପାଳିକା ନିକଟରେ ନ ଥିବା ସଫେଇ ଦେଉଛନ୍ତି। ଯଦି ଏ ସମ୍ପର୍କିତ ଫାଇଲ ଖୋଜାଯିବ ତା'ହେଲେ ୩ ମାସରୁ ଅଧିକ ସମୟ ଲାଗିବ ବୋଲି ପୌର ଅଧିକାରୀଙ୍କ ପକ୍ଷରୁ କୁହାଯାଉଛି। ମଙ୍ଗଳବାର ଏ ନେଇ ପୌର ନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଜିଲାପାଳଙ୍କ ସହ ବୈଠକରେ ଅଛନ୍ତି ବୋଲି କହି ପ୍ରସଙ୍ଗକୁ ଏଡ଼ାଇ ଦେଇଥିଲେ।

# ମୋ ସ୍କୁଲ ଅଭିଯାନରେ ଶୌଚାଳୟ ନିର୍ମାଣ




ନୂତନ ଭାବେ ନିର୍ମାଣ କରାଯାଇଥିବା ଶୌଚାଳୟ।

**ବଇଣ୍ଡା, ୧୯।୬ (ଡି.ଏନ.ଏ.)**

କିଶୋରନଗର ବ୍ଲକ ଉରୁକୁଳା ପଞ୍ଚାୟତ ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟ ପର୍ଶୁମାଳରେ ମୋ ସ୍କୁଲ ଅଭିଯାନରେ ଏକ ଶୌଚାଳୟ ନିର୍ମାଣ କରାଯାଇଛି। ୫୦ ହଜାର ବ୍ୟୟରେ ନିର୍ମିତ ଏହି ଶୌଚାଳୟ ବୁଧବାରଠାରୁ କାର୍ଯ୍ୟକ୍ଷମ ହୋଇଛି। ଏ ନେଇ ବୁଧବାର ବିଦ୍ୟାଳୟ ପରିସରରେ ଏକ ବୈଠକ ବସିଥିଲା। ପ୍ରଧାନ ଶିକ୍ଷକ ସୁଧାକର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ନିଶାମଣୀ ଦାସ, ରଜନୀକାନ୍ତ ଦେହୁରୀ, କୃଷ୍ଣଚନ୍ଦ୍ର ବେହେରା, ସନତ କୁମାର ପ୍ରଧାନ, ତ୍ରିନାଥ ପ୍ରଧାନ, ବୀରେନ୍ଦ୍ର କୁମାର ସାହୁ, ଚଣ୍ଡାଳ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପୁରାତନ ଛାତ୍ର ତଥା ଗ୍ରାମବାସୀ ବିଦ୍ୟାଳୟର ମୋ ସ୍କୁଲ ଅଭିଯାନ ପାଣ୍ଠିକୁ ଅର୍ଥ ଦାନ କରିଥିଲେ। ଏଥିସହ ସରକାରଙ୍କ ପକ୍ଷରୁ ୧ ଲକ୍ଷ ୯୫ ହଜାର ଟଙ୍କା ଏହି ପାଣ୍ଠିକୁ ଆସିଥିଲା। ସେହି ଟଙ୍କାରେ ଶୌଚାଳୟ ସହ ବିଦ୍ୟାଳୟ ଝରକା ନିର୍ମାଣ, କମ୍ପ୍ୟୁଟର, ଟେବୁଲ, ଚେୟାର, ପିଇବା ପାଣି ପାଇଁ ଆକ୍ୱାଗାର୍ଡ ଆଦି କିଣାଯାଇଥିବା ବୈଠକରେ ଆଲୋଚନା କରାଯାଇଥିଲା। କିଭଳି ଏହି ଯୋଜନାରେ ବିଦ୍ୟାଳୟର ବିକାଶ ହୋଇପାରିବ ସେ ବିଷୟରେ ଆଲୋଚନା ହୋଇଥିଲା।

# ଦୁର୍ଘଟଣାରେ ଜଣେ ମୃତ

**ଅନୁଗୋଳ ଅଫିସ, ୧୯।୬**

ଅନୁଗୋଳ ବସଲା ସ୍ଥିତ ମୁଣ୍ଡାଡିପ ଛକ ନିକଟରେ ଅଜଣା ବାଇକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତା ହିନ୍ଦୋଳ ବ୍ଲକ ଅଞ୍ଚଳର କାଳୀହୁଣ୍ଡି ଗାଁ କମଳି ପ୍ରଧାନ(୬୦) ବୋଲି ଜଣାପଡ଼ିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, କମଳି ତାଙ୍କ ପୁଅଙ୍କ ସହ ବଡକୁନ୍ତକୂଳ ସ୍ଥିତ ଝିଅର ଶାଶୁ ଘରକୁ ଆସିଥିଲେ। ଘରକୁ ଫେରୁଥିବାବେଳେ ମୁଣ୍ଡାଡିପ ଛକରେ ତାଙ୍କ ବାଇକ ପଛ ପଟକୁ ଆଉ ଏକ ବାଇକ୍ ଧକ୍କା ଦେଇଥିଲା। ଫଳରେ ସେ ଗାଡ଼ିରୁ ଛିଟିକିପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ନାଏବ ସରପଞ୍ଚ ଅଲିଭା ସାହୁ ଓ ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳକୁ ପଠାଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ତହସିଲଦାରଙ୍କୁ ଘେରିଲା ଓକିଲ ସଂଘ

**ଅନୁଗୋଳ ଅଫିସ ୧୯।୬**



ତହସିଲଦାରଙ୍କ ସହ ଆଲୋଚନା କରୁଛନ୍ତି ଓକିଲ ସଂଘର ସଦସ୍ୟମାନେ।

ଅନୁଗୋଳ ତହସିଲରେ ଠିକଣା ସମୟରେ ଲୋକଙ୍କ ସମସ୍ୟା ସମାଧାନ ହେଉନାହିଁ। ନିଜେ ତହସିଲଦାର ବିଚିତ୍ରାନନ୍ଦ ନାୟକ ଅନେକ ସମୟରେ ଅନୁପସ୍ଥିତ ରହୁଥିବା ବେଳେ କେତେଜଣ କର୍ମଚାରୀ ଲୋକଙ୍କୁ ଖୋଲାଖୋଲି ଅର୍ଥ ମାଗୁଥିବା ଅଭିଯୋଗ ହେଉଛି। ଏ ନେଇ ଅନୁଗୋଳ ଓକିଲ ସଂଘ ପକ୍ଷରୁ ବୁଧବାର ତହସିଲଦାରଙ୍କ ସହ ଆଲୋଚନା କରିବା ସହ ତୁରନ୍ତ ଲୋକଙ୍କୁ ସେବା ଯୋଗାଇ ଦିଆଯିବାକୁ ଦାବି କରାଯାଇଛି।

ଓକିଲ ସଂଘ ସଭାପତି ଜିତେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଅନ୍ୟ ଓକିଲମାନେ ଅନୁଗୋଳ ତହସିଲରେ ଦେଖାଦେଇଥିବା ଅବ୍ୟବସ୍ଥା ସମ୍ପର୍କରେ ଜଣାଇବା ପାଇଁ ତହସିଲ କାର୍ଯ୍ୟାଳୟକୁ ଯାଇଥିଲେ। ତହସିଲଦାର ୨ରୁ ୩ ମାସ ହେବ ସାଧାରଣ ନିର୍ବାଚନର ଆଳ ଦେଖାଇ ଅଫିସ ଆସୁ ନ ଥିବାବେଳେ କେତେଜଣ କର୍ମଚାରୀ କିପରି ସାଧାରଣ ଲୋକଙ୍କୁ ହଇରାଣ କରୁଥିବା ଅଭିଯୋଗ ହେଉଛି ସେ ନେଇ ସଂଘ ସଦସ୍ୟମାନେ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ତାଙ୍କ ଅନୁପସ୍ଥିତିରେ ବଳକା ରହିଥିବା କାର୍ଯ୍ୟ ୧୫ ଦିନ ମଧ୍ୟରେ ଶେଷ କରାଯିବ ବୋଲି ତହସିଲଦାର ଓକିଲ ସଂଘକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଓକିଲ ସଂଘ ସଭାପତି ସାହୁଙ୍କ ସହ ଉପସଭାପତି ଦିଲୀପ କୁମାର ସାହୁ, ସମ୍ପାଦକ ହିମାଂଶୁ ଭୂଷଣ ସାମଲ, ସଭ୍ୟ ଅନୁପ କୁମାର ଗଡ଼ନାୟକ, ସୁକାନ୍ତ ଚୌଧୁରୀ, ଦିଲୀପ କୁମାର ପ୍ରଧାନ, ଅଭୟ କୁମାର ବିଶୋଇ, ନିର୍ମଳ ପ୍ରଧାନ, ସାଂସ୍କୃତିକ ସମ୍ପାଦକ ପ୍ରଶାନ୍ତ କୁମାର ଆଚାର୍ଯ୍ୟ, ସରୋଜ କୁମାର ରାଉତ, ରଜତ କୁମାର ସାହୁ, ଜ୍ୟୋତିରଞ୍ଜନ ନନ୍ଦ, ଅଭୟ ପ୍ରଧାନ, ସହ ସମ୍ପାଦକ ସୁଶାନ୍ତ କୁମାର ବାରିକ ଓ କୋଷାଧ୍ୟକ୍ଷ ଗୋପାଳ ପ୍ରସାଦ ଅଗ୍ରୱାଲା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ତହସିଲଦାର ବିଚିତ୍ରାନନ୍ଦ ନାୟକ କହିଛନ୍ତି, ଲାଞ୍ଚ ମଗାଯାଉଥିବା ସମ୍ପର୍କରେ କିଛି ଜାଣିନାହିଁ। ଯେଉଁମାନେ ଏପରି କରୁଥିବେ ଧରାପଡ଼ିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ୧୫ ଦିନ ମଧ୍ୟରେ ସମସ୍ତ ବକେୟା କାର୍ଯ୍ୟ ଶେଷ କରାଯିବ।

## ନାଲ୍କୋ ଟାଉନଶିପରେ ଡିଜେ ନିଷେଧ

**ବଅଁରପାଳ,୧୯।୬ (ଡି.ଏନ୍.ଏ.)**

ନାଲ୍କୋ ଟାଉନଶିପ କଲୋନୀ ପରିସରରେ ଆଉ ବାଜିବନି ଡିଜେ ସାଉଣ୍ଡ। ଆସନ୍ତା ୧ ତାରିଖଠାରୁ କଲୋନୀ ଅଞ୍ଚଳ ମଧ୍ୟରେ ଏହାକୁ ନିଷେଧ କରାଯାଇଥିବା ନାଲ୍କୋ ଇଷ୍ଟେଟ କାର୍ଯ୍ୟାଳୟ ପକ୍ଷରୁ ଜଣାପଡ଼ିଛି। ବିଭାଗ ପକ୍ଷରୁ ଏ ନେଇ ଏକ ସର୍କୁଲାର ମଧ୍ୟ ଜାରି କରାଯାଇଛି। ଏହା ଜଣାପଡ଼ିବା ପରେ କଲୋନିବାସୀ ଆଶ୍ୱସ୍ତ ହୋଇଛନ୍ତି।

କଲୋନୀବାସୀଙ୍କ କହିବା ଅନୁଯାୟୀ, ବିବାହ ଓ ବ୍ରତଘର ସହ ବିଭିନ୍ନ ପର୍ବପର୍ବାଣିରେ ଡିଜେ ସାଉଣ୍ଡ ବାଜିଥାଏ। ଏଥିଯୋଗୁ ଅନେକ ସମୟରେ ଛାତ୍ରୀଛାତ୍ରଙ୍କ ପାଠ ପଢ଼ାରେ ଅସୁବିଧା ଉପୁଜିଥାଏ। ଏହାଛଡ଼ା କଲୋନୀରେ ବହୁ ବୟସ୍କ ଲୋକ, ହୃଦ୍‌ରୋଗୀ ରହୁଥିବାରୁ ସେମାନେ ଏପରି ଜୋରଦାର ସାଉଣ୍ଡ ନେଇ ସମସ୍ୟାରେ ପଡ଼ିଥାନ୍ତି। ଏବେ ଏହା ବାଜିବା ଉପରେ ନାଲ୍କୋ କର୍ତ୍ତୃପକ୍ଷ ଲଗାମ ଲଗାଇବା ନିଶ୍ଚିତ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କଲୋନୀବାସୀ ପ୍ରକାଶ କରିଛନ୍ତି।

F.M.AUTONOMOUS COLLEGE, BALASORE
WALK-IN-INTERVIEW
No......... Date...........
A walk-in interview for the engagement of guest faculties on temporary basis for a maximum of one academic session (9 months) will be conducted at 11.00 A.M on 26 & 27 June 2019 in the subjects of Anthropology, Botany, BBA (SFC), Computer Science, Chemistry, English, Education, Economics, Environment Science, Geology, Geography, Hindi, History, Mathematics, Odia, Physics, Psychology, Philosophy, Political Science, Sociology, Statistics, Sanskrit, Urdu & Zoology. For details visit College Website www.fmcollege.nic.in
Sd./-
Principal

ତାଳଚେର କୃଷି ଜିଲ୍ଲାରେ ବିହନ ବିଶୋଧନ ଅଭିଯାନ
ଚଳିତ ଖରିଫ ୨୦୧୯-୨୦ଋତୁରେ ରାଜ୍ୟ ଯୋଜନା ମାଧ୍ୟମରେ ଧାନ ଫସଲର ବିହନ ବିଶୋଧନ ଅଭିଯାନ କାର୍ଯ୍ୟକ୍ରମ ତାଳଚେର କୃଷିଜିଲ୍ଲାର ତିନୋଟି ବ୍ଲକରେ ନିମ୍ନପ୍ରଦତ୍ତ ଗ୍ରାମଗୁଡ଼ିକରେ ତା.୨୧।୦୬।୨୦୧୯ରୁ ତା:୦୬।୦୭।୨୦୧୯ମଧ୍ୟରେ ଅନୁଷ୍ଠିତ ହେବ। ଏହି ଅଭିଯାନରେ ସାମିଲ ହୋଇ ନିଜ ନିଜର ଘର ସାଇତା ଧାନବିହନକୁ ବିନା ମୂଲ୍ୟରେ ବିଶୋଧନକରି ବୁଣିବାକୁ ଚାଷୀଭାଇ ଭଉଣୀମାନଙ୍କୁ ଅନୁରୋଧ। ବିଶେଷ ସୂଚନା ପାଇଁ ସଂପୃକ୍ତ ସହକାରୀ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ।
• **ସହକାରୀ କୃଷି ଅଧିକାରୀ, ତାଳଚେର-ଫୋନ ନମ୍ବର-୯୪୩୮୭୭୪୮୯୮; • ସହକାରୀ କୃଷି ଅଧିକାରୀ, କଣିହା-ଫୋନ ନମ୍ବର-୯୪୩୯୪୬୬୦୬୬, ୮୨୪୯୦୦୬୩୭୧; • ସହକାରୀ କୃଷି ଅଧିକାରୀ, ପାଲଲହଡା-ଫୋନ ନମ୍ବର-୭୦୦୮୮୩୨୬୬୩, ୯୪୩୯୫୯୭୧୧୪**
**ବିହନ ବିଶୋଧନ ଅଭିଯାନ ଶିବିର ହେବାକୁ ଥିବା ଗ୍ରାମ**
**ତାଳଚେର ବ୍ଲକ**-କର୍ଣ୍ଣପୁର, ଅରଖପାଳ, ଅନାଦିପୁର, ନୂଆଗାଁ, ବନବାସପୁର, ବିହାରିପୁର, କନ୍ଧବେରିଣୀ, ତେହେରନାପୁର। ; **କଣିହା ବ୍ଲକ**-ଗଦାଶିଳା, କୁଲେଇ, ସିଲିଙ୍ଗ, ସପାକଟା, ମହୀଧରପୁର, ସିପୁର, ଦଲକ, କିଆଝର। ; **ପାଲଲହଡା ବ୍ଲକ**-ଆଲୁରି, ସାଆଁଦା, ଦୀତିକୃଷ୍ଣପୁର, ତଣ୍ଡିବେରିଣୀ, ପରାଛାଟ, ମଲାରବେଡା, ମୁରୁଚିଗାଡିଆ, କେଳାପସି। **ସ୍ୱା./- ଲକ୍ଷ୍ମୀନାରାୟଣ ଶତପଥୀ, ଜିଲ୍ଲା କୃଷି ଅଧିକାରୀ ତାଳଚେର**




## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

**ଛେଣ୍ଡିପଦା, ୧୯।୬(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳର ଗୋଶାଳା ନିକଟରେ ବୁଧବାର ଭାଲୁ ଆକ୍ରମଣରେ ଚଡଚଡି ଗ୍ରାମର ଚିତ୍ତରଞ୍ଜନ ନାଏକ ଗୁରୁତର ହୋଇଛନ୍ତି। ଚିତ୍ତରଞ୍ଜନ ଶୌଚ ହେବା ପାଇଁ ଯାଉଥିବାବେଳେ ଏକ ଭାଲୁ ଆକ୍ରମଣ କରିଥିଲା। ଚିତ୍କାର ଶୁଣି ସେହି ରାସ୍ତା ଦେଇ ଯାଉଥିବା ଲୋକେ ଦୌଡି ଆସିବାରୁ ଭାଲୁଟି ତାଙ୍କୁ ଛାଡି ଜଙ୍ଗଲକୁ ପଳାଇଥିଲା। ପରେ ଚିତ୍ତରଞ୍ଜନଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

# ଅନୁଗୋଳରେ ଯାଞ୍ଚ ହେଉନି ଲିଚୁର ମାନ

**ଅନୁଗୋଳ ଅଫିସ, ୧୯।୬**

ବିହାରରେ ଏନସେଫାଲାଇଟ୍‌ସରେ ଆକ୍ରାନ୍ତ ହୋଇ ଶିଶୁମୃତ୍ୟୁ ବଢିଚାଲିଛି। ଲିଚୁ ଖାଇବା ଯୋଗୁ ଏପରି ହେଉଥିବା ସନ୍ଦେହ କରାଯିବା ପରେ ବଜାରରେ ଥିବା ଲିଚୁରେ କ୍ଷତିକାରକ ରାସାୟନିକ ପଦାର୍ଥ ରହୁଛିକି ନା ତାହାର ଯାଞ୍ଚ ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଖାଦ୍ୟ ନିରାପତ୍ତା କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ସରକାରଙ୍କ ପକ୍ଷରୁ ମଧ୍ୟ ଏହି ଯାଞ୍ଚ ନିର୍ଦ୍ଦେଶ ଆସିଛି। ରାଜ୍ୟର ବିଭିନ୍ନ ଜିଲାରେ ଲିଚୁ ବିକ୍ରି ଉପରେ କଟକଣା ଲଗାଯିବା ସହ ଏହାର ଯାଞ୍ଚ ମଧ୍ୟ କରାଯାଉଛି। ହେଲେ ଅନୁଗୋଳରେ କୌଣସି କଟକଣା ନ ଲଗାଯିବା ସହ ଲିଚୁ ଯାଞ୍ଚ କରାଯାଉ ନ ଥିବା ଅଭିଯୋଗ ହେଉଛି।

ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗର ଏଡିଏମ୍‌ଓ ଡାକ୍ତର ରାକେଶ ସାହୁ କହିଛନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟକୁ ସେପରି କେହି ରୋଗୀ ଆସିନାହାନ୍ତି। ସ୍ୱାସ୍ଥ୍ୟ ବିଭାଗରୁ ମଧ୍ୟ ସେମିତି କିଛି ନିର୍ଦ୍ଦେଶ ବର୍ତ୍ତମାନ ସୁଦ୍ଧା ଆସିନାହିଁ। ଏପରି ନିର୍ଦ୍ଦେଶ କି ଚିକିତ୍ସାଳୟକୁ ରୋଗୀ ଆସିଲେ ତୁରନ୍ତ ଲିଚୁ ଯାଞ୍ଚ କରାଯିବ। ଜିଲାର ଜନସ୍ୱାସ୍ଥ୍ୟ ଅଧିକାରୀ ଏବେ ଛୁଟିରେ ଅଛନ୍ତି। ଏକ ଟିମ୍ ଲିଚୁ ଘଟଣା ଉପରେ ସ୍ୱତନ୍ତ୍ର ଦୃଷ୍ଟି ରଖିଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସ୍ଥାନୀୟ ଧରିତ୍ରୀ ପ୍ରତିନିଧି କିମ୍ବା ମୁଖ୍ୟକାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ମନେ ପଡ଼ନ୍ତି

୨୦ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଦେବ ଦାଶ
୨୦୨୫ ମହତାବ ରୋଡ,
ପୁରୁଣା ଭୁବନେଶ୍ୱର-୨
ଆବିର୍ଭାବ: ୦୫।୦୯।୧୯୭୦
ତିରୋଧାନ: ୦୨।୦୭।୧୯୯୯
୨୦ ତମ ଶ୍ରାଦ୍ଧବାର୍ଷିକ ଦିବସ ଅବସରରେ ତୁମର ଅମ୍ଳାନ ଆତ୍ମା ବିଷ୍ଣୁପାଦତଳେ ଚିର ଶାନ୍ତି ଲାଭ କରୁ, ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ବାବା ଲିଙ୍ଗରାଜଙ୍କ ନିକଟରେ ବିନୀତ ପ୍ରାର୍ଥନା।
ଶୋକସନ୍ତପ୍ତ:
ହତଭାଗା ଭାଇ, ଭାଇବୋହୂ, ମା', ଆତ୍ମୀୟ ସ୍ୱଜନ, ପରିବାର ଓ ବନ୍ଧୁବର୍ଗ।
ଧ-୧୩୦୩୮

ଏକାଦଶାହ ଉପଲକ୍ଷେ



ଂ ଦିବଂଗତ ଅବସରପ୍ରାପ୍ତ ଇଞ୍ଜିନିୟର ନବକିଶୋର ସାହୁ
ମାଂସଡ଼ା (ବାଲିସାହି),ବିଞ୍ଝାରପୁର, ଯାଜପୁର
ଆବିର୍ଭାବ: 28.03.1933
ତିରୋଧାନ: 10.06.2019
ଯାହା ହାତଧରି ଚଲିବା ଶିଖିଲୁ ସେ ଯେ ଦିନେ ପଞ୍ଚ ମହାଭୂତରେ ଲୀନ ହୋଇଯିବେ, ଏହା ସତ୍ୟ ଜାଣି ସୁଦ୍ଧା ବିଶ୍ୱାସ କରି ନ ଥିଲୁ। ହଠାତ୍ ତୁମ ଅନୁପସ୍ଥିତିକୁ ଆମ୍ଭେମାନେ ସହ୍ୟ କରିପାରୁନୁ। ତୁମ ଆଶୀର୍ବାଦର ଶକ୍ତିରେ ହିଁ ଆମେ ଅବଶିଷ୍ଟ ଜୀବନ କାଟିବୁ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ କୋଟି କୋଟି ପ୍ରଣାମ।
~: ଶୋକସନ୍ତପ୍ତ :~
ସ୍ତ୍ରୀ, ପୁଅଝିଅ-ବାବୁଲି, ବେବି, ଲିଲି, ଝୁନୁ, ବୁଲୁ, ବୋହୂ, ନାତିନାତୁଣୀ, ବନ୍ଧୁ ଏବଂ ପରିବାରବର୍ଗ।
ଧ-୧୩୦୪୨

୧୨ତମ ଶ୍ରାଦ୍ଧବାର୍ଷିକ



ଂ ବିମଳ ପ୍ରସାଦ ପଟ୍ଟନାୟକ
ଆବିର୍ଭାବ : ୦୨.୦୬.୧୯୩୫
ତିରୋଧାନ : ୦୩.୦୭.୨୦୦୭
ଗ୍ରାମ- ଯାଆଁଳା, ଭୁବନେଶ୍ୱର
ସମୟ ସ୍ରୋତରେ ବାରବର୍ଷ ବିତିଗଲାଣି । ଆପଣଙ୍କର ବିୟୋଗ ଆମ ପାଇଁ ଅପୂରଣୀୟ କ୍ଷତି । ଆପଣଙ୍କର ସ୍ନେହ, ମମତା, ସାଧୁତା, କର୍ତ୍ତବ୍ୟନିଷ୍ଠା ଏବଂ ଆଧ୍ୟାତ୍ମିକ ଆଦର୍ଶର ଆଶୀର୍ବାଦ ଭିକ୍ଷା କରୁଛୁ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ : ପତ୍ନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁବାନ୍ଧବ ଓ ପରିବାର ବର୍ଗ ।
ଧ-୧୩୦୩୯

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତ ସ୍ଥୁଳେଶ୍ୱର ସାହୁ
ନି. କାନୁଟ,ବଲାଙ୍ଗୀର
ଆବିର୍ଭାବ: ୦୨।୦୯।୧୯୩୯
ତିରୋଧାନ: ୦୧।୦୭।୨୦୧୮
(ତିଥି: ଆଷାଢ଼ କୃଷ୍ଣ ତୃତୀୟା)
ତୁମର ଶରଧା ରହିଗଲା ଅଧା
ଛାଡ଼ି ଚାଲିଗଲ ବୋଲି
ପୁଅ, ବୋହୂ, ନାତି, ନାତୁଣୀ ଓ ପତ୍ନୀ
ଝୁରୁଛନ୍ତି ସଦା ଭାଳି
ସାହୁ ପରିବାର କରୁ ନମସ୍କାର
ଘେନ ଥାଇ ସ୍ୱର୍ଗ ଧାମ
ଆଶିଷ ଦିଅହେ ପରିବାର ଚାହେଁ
ଜୟ ହେଉ ସର୍ବକାମ।
ଶୋକସନ୍ତପ୍ତ:
ଜୁଲି, ମିଲି, ସ୍ନିଗ୍ଧା ତଥା ସାହୁପରିବାର।
ଧ-୧୩୦୪୧

## ସଂକ୍ଷେପରେ

### କଳାକାର ସଦସ୍ୟଙ୍କ ବିୟୋଗରେ ଶୋକ

ଅନୁଗୋଳ ଅଫିସ, ୧୯।୬- ଅନୁଗୋଳ ସେବା ଓ ସାଂସ୍କୃତିକ ଅନୁଷ୍ଠାନ କଳାକାରର ସଦସ୍ୟ ତଥା ନାଲ୍କୋରେ କାର୍ଯ୍ୟରତ ସୁବ୍ରତ ପଟ୍ଟନାୟକ(୫୦)ଙ୍କ ମଙ୍ଗଳବାର ପରଲୋକ ଘଟିଛି। ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ବିୟୋଗରେ କଳାକାର ଭବନ ଠାରେ ବୁଧବାର ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ଭୂପେଶ ଚନ୍ଦ୍ର ପ୍ରଧାନ ଏଥିରେ ଅଧକ୍ଷତା କରିଥିଲେ। ସ୍ୱର୍ଗତ ପଟ୍ଟନାୟକ ଜଣେ ପରୋପକାରୀ ବ୍ୟକ୍ତି ଥିଲେ। ଅନୁଗୋଳ ବ୍ୟତୀତ ବାହାର ଜିଲାରେ ସେ ବୁଟୁ ଭାଇ ନାମରେ ପରିଚିତ ଥିଲେ ବୋଲି ସଭାରେ ପ୍ରକାଶ ପାଇଥିଲା। ଅନୁଷ୍ଠାନର ସମ୍ପାଦକ ବିଭୂତି ଭୂଷଣ ମହାପାତ୍ର, ଉପସଭାପତି ବୀରେନ୍ଦ୍ର କୁମାର ପ୍ରଧାନ, ସହ ସମ୍ପାଦକ ପ୍ରଶାନ୍ତ କୁମାର ରଥ, ସାଂସ୍କୃତିକ ସହ ସମ୍ପାଦକ ବିଦେଶୀ ନାଏକ, ପ୍ରଫୁଲ କୁମାର ଦାସ, ଅଜୟ କୁମାର ସାହୁ, ରୁଚିର କୁମାର ବରାଳ, ସନ୍ତୋଷ କୁମାର ନାୟକଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

### ଗନ୍ଧ ହେଉଛି ପାନୀୟ ଜଳ

ତାଳଚେର,୧୯।୬(ନି.ପ୍ର.)- ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଳଚେର ସହରବାସୀଙ୍କୁ ଯୋଗାଯାଉଥିବା ପାନୀୟ ଜଳରୁ ଦୁର୍ଗନ୍ଧ ବାହାରୁଛି। ଗତ ୩/୪ ଦିନ ହେଲା ଆସୁଥିବା ପାଇପ ପାଣି ଗନ୍ଧ ହେଉଥିବା ବାଇପାସ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଫଳରେ ଏହା ପିଇବା ଯୋଗ୍ୟ ହେଉ ନାହିଁ। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ବୁଧବାର କେତେଜଣ ସ୍ଥାନୀୟ ଲୋକ ଏହି ପାଣିକୁ ବୋତଲରେ ଧରି ଜନସ୍ୱାସ୍ଥ୍ୟ ବିଭାଗ ଅଫିସକୁ ଆସି ଦେଖାଇଥିଲେ। ଏଭଳି ପାଣି ପିଇଲେ ରୋଗ ହେବାର ଆଶଙ୍କା ଦେଖା ଦେଇଛି। ବିଭାଗ ଓ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ବିଭାଗ ପକ୍ଷରୁ କୁହାଯାଇଛି, କୌଣସି ସ୍ଥାନରେ ପାଇପ ଫାଟି ଥାଇପାରେ। ନିର୍ଦ୍ଦିଷ୍ଟ ଭାବେ ଜଣାପଡିବା ପରେ ପଦକ୍ଷେପ ନିଆଯିବ।

### ବୋଲେରୋ ଧକ୍କାରେ ଜଣେ ମୃତ

ବଁଅରପାଳ, ୧୯।୬(ଡି.ଏନ.ଏ.)- ନାଲ୍କୋ ଥାନା ସିପିପି ଛକ ନିକଟରେ ବୁଧବାର ରାତିରେ ଏକ ବୋଲେରୋ ଧକ୍କାରେ ବନମାଳୀ ବେହେରା(୫୦) ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ସାଇକେଲରେ ବଁଅରପାଳ ଆଡୁ ଆସି ରାସ୍ତା ପାର ହେଉଥିବା ସମୟରେ ପଛରୁ ଆସୁଥିବା ଏକ ବୋଲେରୋ ଧକ୍କା ଦେଇ ପଳାଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣା ପରେ ଉତ୍ୟକ୍ତ ଗାଡ଼ରଖାଇ ଗ୍ରାମବାସୀ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ୫୫ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ରାସ୍ତାରେ ବହୁ ଯାନବାହନ ଅଟକି ରହିଥିଲା। ଖବର ଲେଖା ହେବା ସୁଦ୍ଧା ରାସ୍ତାରୋକୋ ଚାଲିଥିଲା। ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା ଚଳାଇଥିଲା।

■ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଜିଲାସ୍ତରୀୟ ମକ୍ ଡ୍ରିଲ

# ଧନଜୀବନ ରକ୍ଷା କୌଶଳ ପ୍ରଦର୍ଶନ

ଅନୁଗୋଳ ଅଫିସ, ୧୯।୬

ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକମାନଙ୍କ ଧନଜୀବନର ସୁରକ୍ଷା କରିବା ପାଇଁ ବୁଧବାର ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାସ୍ତରୀୟ ମକ୍ ଡ୍ରିଲ ଆୟୋଜିତ ହୋଇଯାଇଛି। ଜିଲାପାଳ ମନୋଜ କୁମାର ମହାନ୍ତି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିପର୍ଯ୍ୟୟ ସମୟରେ କିପରି ଠିକ୍ ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ଆବଶ୍ୟକ ଜ୍ଞାନ କୌଶଳ ଏହି କାର୍ଯ୍ୟକ୍ରମରୁ ଶିକ୍ଷା କରିବା ସହ ଅନ୍ୟମାନଙ୍କୁ ସଚେତନ କରିବାକୁ ପରାମର୍ଶ ଦେଇଥିଲେ। ଜିଲାସ୍ତରୀୟ ଅଧିକାରୀମାନେ ନିଜ ନିଜ ବିଭାଗରେ ଉପଲବ୍ଧ ସମ୍ବଳକୁ ବିନିଯୋଗ କରି ବିପର୍ଯ୍ୟୟର ମୁକାବିଲା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ ପ୍ରମୁଖ ଯୋଗଦେଇଥିଲେ।

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନର ମିଳିତ ଉଦ୍ୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ଅଗ୍ନିଶମ କର୍ମଚାରୀ ବିଭାଗ ବିଭିନ୍ନ ପ୍ରକାର କୌଶଳ ପ୍ରଦର୍ଶନ କରିଥିଲେ। ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟକୁ କିପରି ତ୍ୱରାନ୍ୱିତ କରାଯିବ ଓ ଆଶ୍ରୟସ୍ଥଳରେ ଅତ୍ୟାବଶ୍ୟକ ସାମଗ୍ରୀ ଉପଲବ୍ଧ ହୋଇପାରିବ ସେ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଜିଲା ଅଗ୍ନିଶମ ଅଧିକାରୀ ସର୍ବେଶ୍ୱର ବରାଳ ପାୱାର ବୋଟ, ପାୱାର କଟର, ପାୱାର ଲାଇଟ୍ ଓ ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର ଉପରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇବା ସହ ସୁଉଚ୍ଚ ଅଟ୍ଟାଳିକା ଉପରେ ଅଚେତ ଅବସ୍ଥାରେ ପ୍ରଭାବିତ ଲୋକମାନଙ୍କୁ ଦଉଡ଼ି ଓ ଶିଡ଼ି ମାଧ୍ୟମରେ ତଳକୁ ଆଣିବାର କୌଶଳ ପ୍ରଦର୍ଶନ କରିଥିଲେ। ଏହାଛଡ଼ା ଅଗ୍ନିକାଣ୍ଡ ଘଟିଥିବା ଗୃହ ମଧ୍ୟରୁ ଲୋକମାନଙ୍କୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରିବାର କୌଶଳ ମଧ୍ୟ ଦେଖାଇଥିଲେ। ଡେପୁଟି କଲେକ୍ଟର ବଇତୁରା ଦୀପ୍, ଜିଲା ସମାଜ ମଙ୍ଗଳ ଅଧିକାରୀ ଆଲମା ବରୁଆ, ଡେପୁଟି କଲେକ୍ଟର ଲମ୍ବୋଦର ମାରାଣ୍ଡି, ଆସିଷ୍ଟାଣ୍ଟ କଲେକ୍ଟର ସୋଫି ସାଇନିକାଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ସାମାଜିକ କର୍ମୀ, ଜିଲାପାଳ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନର ଡିପିଓ ପ୍ରଦୋଷ କୁମାର ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତ୍ୟୁଷରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କିତ ସଚେତନତା ବାର୍ତ୍ତା ଦିଆଯାଇ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା।



ଅନୁଗୋଳରେ ବିପର୍ଯ୍ୟୟ ମୁକାବିଲାର କୌଶଳ ପ୍ରଦର୍ଶନ କରାଯାଉଛି।




■ରାସ୍ତାରେ ପାଣି ଜମିବାକୁ ନେଇ ଉତ୍ତେଜନା

# ପଞ୍ଚାୟତ ଅଫିସ୍ ସମ୍ମୁଖରେ ବିକ୍ଷୋଭ

ଛେଣ୍ଡିପଦା,୧୯।୬(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଲିପଟାର ମୁଖ୍ୟ ରାସ୍ତାରେ ପାଣି ଜମିବାକୁ ନେଇ ବୁଧବାର ଉତ୍ତେଜନା ଦେଖାଦେଇଛି। ଏହାକୁ ନେଇ ବାଲିପଟା ଗ୍ରାମ୍ୟ ସଂଗ୍ରାମ କମିଟି ପକ୍ଷରୁ ଛେଣ୍ଡିପଦା ପଞ୍ଚାୟତ ଅଫିସ୍ ସମ୍ମୁଖରେ ବିକ୍ଷୋଭ କରିଥିଲେ।

ଅଭିଯୋଗ ମୁତାବକ, ଛେଣ୍ଡିପଦା ବ୍ଲକର ସଦର ମହକୁମାଠାରୁ ଜରପଡା ୫୫ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ବାଲିପଟା କାଳୀ ମନ୍ଦିର ନିକଟ ରାସ୍ତା ଉପରେ ସାମାନ୍ୟ ବର୍ଷା ହେଲେ ବି ପାଣି ଜମି ରହୁଛି। ବିଭାଗ ପକ୍ଷରୁ ପାଣି ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ସେଠାରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଉକ୍ତ ରାସ୍ତା ଦେଇ ଗାଡି ଯିବାଆସିବା କରିବାବେଳେ ରାସ୍ତାପାର୍ଶ୍ୱରେ ଥିବା ଘରେ ପାଣି ପଶିଯାଉଛି। ଏ ନେଇ ଗ୍ରାମବାସୀ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ବ୍ୟବସ୍ଥା କରାଯାଉ ନ ଥିବା ଅଭିଯୋଗ ହୋଇଛି। ତୁରନ୍ତ ସେଠାରେ ଏକ ଡ୍ରେନ ନିର୍ମାଣ ଦାବି କରି କମିଟି ସଭାପତି ମଙ୍ଗୁଲୁ ସାହୁଙ୍କ ନେତୃତ୍ୱରେ ଗ୍ରାମବାସୀ ବିକ୍ଷୋଭ କରିଥିଲେ। ଏ ନେଇ ବିଡିଓ ରୋମାଞ୍ଚଳ ଖମାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥବଲା। ତୁରନ୍ତ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେବା ପରେ ବିକ୍ଷୋଭ ପ୍ରତ୍ୟାହୃତ ହୋଇଥିଲା।

# ବିପର୍ଯ୍ୟୟରେ ସୁରକ୍ଷା ପ୍ରଦାନ ପାଇଁ ମକ୍‌ଡ୍ରିଲ

ବଁଅରପାଳ/ଛେଣ୍ଡିପଦା/କଣିହାଁ/ତାଳଚେର/ପାଲଲହଡ଼ା, ୧୯।୬(ଡି.ଏନ.ଏ.)

ବଁଅରପାଳ ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ଅଗ୍ନିଶମ ସଂସ୍ଥା ପକ୍ଷରୁ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନ୍ୟା, ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକମାନଙ୍କୁ କିପରି ସୁରକ୍ଷିତ ସ୍ଥାନକୁ ନିଆଯିବ ପାରିବ ସେ ଉପରେ କର୍ମଚାରୀମାନେ କୌଶଳମାନ ପ୍ରଦର୍ଶନ କରିଥିଲେ। ଏଥିସହ ଘରେ ନିଆଁ ଲାଗିଲେ କିମ୍ବା ଦୁର୍ଘଟଣା ସମୟରେ କିପରି ଧନସମ୍ପତ୍ତିକୁ ସୁରକ୍ଷା ଦିଆଯିବ ସେ ଉପରେ ମଧ୍ୟ କୌଶଳ ପ୍ରଦର୍ଶନ କରାଯାଇଥିଲା। ରବର ବୋଟ, ଲାଇଫ ଜ୍ୟାକେଟ, ରଶି ଆଦି ଉପକରଣ ମକ୍‌ଡ୍ରିଲରେ ବ୍ୟବହାର କରାଯାଇଥିଲା। ଏଥିରେ ବ୍ଲକର ଅଧିକାରୀ ଓ ଅଗ୍ନିଶମ ସଂସ୍ଥାର କର୍ମଚାରୀମାନେ ଉପସ୍ଥିତ ଥିଲେ। ସେହିପରି ଛେଣ୍ଡିପଦା ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ବିଡିଓ ରୋମାଞ୍ଚଳ ଖମାରୀ, ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଉପସ୍ଥିତ ଥିଲେ। କଣିହାଁ ବ୍ଲକ ପରିସରରେ ମଧ୍ୟ ଅଗ୍ନିଶମ କର୍ମଚାରୀ ମକ୍‌ଡ୍ରିଲ କରିଛନ୍ତି। ବିଡିଓ ରମେଶ କୁମାର ଜେନା, ଅଗ୍ନିଶମ ଅଧିକାରୀ ରୋହିତ ବେହେରାଙ୍କ ସହ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଅଙ୍ଗନୱାଡି କର୍ମୀମାନେ ଉପସ୍ଥିତ ଥିଲେ। ଅଗ୍ନିଶମ ଅଧିକାରୀ ବେହେରା କହିଛନ୍ତି, କାର୍ଯ୍ୟକ୍ରମ ପାଇଁ ଫାୟାର ଷ୍ଟେଶନରୁ ଖର୍ଚ୍ଚ ପ୍ରଦାନ କରାଯାଉଛି। କଣିହାଁ ବ୍ଲକ ଅଞ୍ଚଳରେ ବ୍ରାହ୍ମଣୀ ନଦୀ ରହିଛି। ସେଠାରେ ମଧ୍ୟ ମକ୍‌ଡ୍ରିଲ କରାଯିବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଯିବ। ତାଳଚେର ବିଡିଓ ନେତ୍ରାନନ୍ଦ ମଲ୍ଲିକଙ୍କ ସଭାପତିତ୍ୱରେ ବ୍ଲକ ପରିସରରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ବୃନ୍ଦାବନ ବେହେରା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମଲ୍ଲିକ, ମଞ୍ଜୁ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଅଗ୍ନିଶମ ଅଧିକାରୀ ଅଗ୍ନିଶମ ଅଧିକାରୀ ତାରାଚାନ୍ଦ ମାଝୀ ଏବଂ ଆଇନଜୀବୀ ତଥା ପରିବେଶବିତ ବାଉରୀବନ୍ଧୁ ବେଜ ବିପର୍ଯ୍ୟୟ ସମୟରେ କିପରି ସୁରକ୍ଷିତ ରହିହେବ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ପାଲଲହଡ଼ା ବ୍ଲକ ପରିସରରେ ମଧ୍ୟ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଡିଓ ତ୍ରିବିକ୍ରମ କୁମରା, ଅତିରିକ୍ତ ତହସିଲଦାର ସୁମନ ମିଞ୍ଜ, ସହାୟକ ଜିଲାପାଳ ବେରସିୟସ ଡୁଙ୍ଗଡୁଙ୍ଗ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦୁଃଖବନ୍ଧୁ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

### ନାଲ୍କୋ ଥାନା ଆଇଆଇସିଙ୍କ ନାମରେ କୋର୍ଟରେ ମାମଲା

ଅନୁଗୋଳ ଅଫିସ/ବଁଅରପାଳ, ୧୯।୬ (ଡି.ଏନ୍.ଏ.)

ନାଲ୍କୋ ଥାନା ଆଇଆଇସି ଗୀତାଞ୍ଜଳି ସାହୁଙ୍କ ନାମରେ କୋର୍ଟରେ ଏକ ମାମଲା ରୁଜୁ ହୋଇଛି। ବଳରାମପ୍ରସାଦ ଗ୍ରାମର ନିପୁ ଭୂତିଆ ଅନୁଗୋଳ ଏସ୍‌ଡିଜେଏମ୍ କୋର୍ଟରେ ଏହି ମାମଲା ରୁଜୁ କରିଥିବା ଜଣାପଡ଼ିଛି। ଅଭିଯୋଗରେ ନିପୁ ଦର୍ଶାଇଛନ୍ତି ଯେ, ଗତ ୮ ତାରିଖରେ ସେ ଥାନାକୁ ଖବର ସଂଗ୍ରହ ପାଇଁ ଯାଇଥିଲେ। ମାତ୍ର ଆଇଆଇସି ସାହୁ ତାଙ୍କୁ ଗାଳିଗୁଲଜ କରିଥିଲେ। ଆଉ ଦୁଇ ଜଣ ମହିଳା ପୋଲିସ ତାଙ୍କୁ ଧକ୍କା ମାରି ବାହାର କରିଦେଇଥିଲେ। ଏ ନେଇ ସେ ଅନୁଗୋଳ ଏସ୍‌ପିଙ୍କ ଠାରେ ଅଭିଯୋଗ କରିଥିଲେ। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ସେ କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ କୋର୍ଟରେ କମ୍ପ୍ଲେନ୍ କେସ ନଂ. ୯୦/୧୯ରେ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ନାଲ୍କୋ ଥାନା ଅଧିକାରୀ ସାହୁ କହିଛନ୍ତି, ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ନିପୁ ଥାନାରେ ଡିସିଓ ଥିବା ସବ୍‌ଇନ୍ସପେକ୍ଟର ଅନୁପମା ପାତ୍ରଙ୍କୁ ଦୁର୍ବ୍ୟବହାର କରିଥିଲେ। ଏ ନେଇ କାର୍ଯ୍ୟରତ ସବ୍‌ଇନ୍ସପେକ୍ଟର ଅଭିଯୋଗ କରିବା ପରେ ନଂ. ୮୯/୧୯ରେ ନିପୁଙ୍କ ନାମରେ ମାମଲା ରୁଜୁ ହୋଇଛି। ଏହି ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

■ଗେଲ୍ ଇଣ୍ଡିଆ ଗ୍ୟାସ ପାଇପ ଲାଇନକୁ ବିରୋଧ

# ଅଭିଯୋଗ ଶୁଣାଣି ବୈଠକ ବିଫଳ

ଛେଣ୍ଡିପଦା,୧୯।୬(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ଦେଇ ଯିବାକୁ ଥିବା ଗେଲ ଇଣ୍ଡିଆର ଗ୍ୟାସ ପାଇପ ଲାଇନକୁ ବିରୋଧ କରିଆସୁଥିବା କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କ ସହ ଆଲୋଚନା ପାଇଁ ବୁଧବାର ଛେଣ୍ଡିପଦା ତହସିଲ ଅଫିସରେ ଅଭିଯୋଗ ଶୁଣାଣି ପାଇଁ ବୈଠକ ବସିଥିଲା। ତେବେ ଦାବିପୂରଣ ନ ହେବାରୁ ବୈଠକରେ ଯୋଗ ଦେଇଥିବା ସମ୍ପୃକ୍ତ ଗ୍ରାମଗୁଡିକର ପ୍ରତିନିଧିମାନେ ସେଠାରୁ ଉଠି ଆସିଥିଲେ। ଫଳରେ ଏହି ବୈଠକ ବିଫଳ ହୋଇଥିବା ଜଣାପଡିଛି।

ଅଭିଯୋଗ ମୁତାବକ, ଗେଲ୍ କର୍ତ୍ତୃପକ୍ଷ କ୍ଷତିଗ୍ରସ୍ତ ଜମିମାଲିକଙ୍କ ସମ୍ପୂର୍ଣ୍ଣ ଜମି ଅଧିଗ୍ରହଣ କରି କ୍ଷତିପୂରଣ ଦେଉନାହାନ୍ତି। କେବଳ ଯେତିକି ଜମିରେ ପାଇପ୍ ଲାଇନ ଯିବ ସେତିକି ଜମିର କ୍ଷତିପୂରଣ ପ୍ରଦାନ କରାଯିବାକୁ କୁହାଯାଇଛି। ଏପରି ହେଲେ ସମ୍ପୃକ୍ତ ଜମି ମାଳିକ ବଳକା ଜମିରେ ଚାଷ କରିପାରିବେନି। ଏଥିସହ ଅନ୍ୟକାହାକୁ ଜମି ବିକ୍ରି ମଧ୍ୟ କରିପାରିବେନି। ତେଣୁ ସମ୍ପୂର୍ଣ୍ଣ ଜମିକୁ ଅଧିଗ୍ରହଣ କରାଯାଇ କ୍ଷତିପୂରଣ ପ୍ରଦାନ କରିବାକୁ ଜମିମାଲିକମାନେ ଦାବି କରିଥିଲେ। ଏ ନେଇ ଗତ ୧୮।୩।୨୦୧୯ରେ ଛେଣ୍ଡିପଦା ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ଗେଲ୍ ଇଣ୍ଡିଆର କମ୍ପିଟାଣ୍ଟ ଅଥରିଟି କ୍ଷତିଗ୍ରସ୍ତ ଜମିମାଲିକଙ୍କୁ ୧୯।୬।୨୦୧୯ ତାରିଖରେ ଜନ ଶୁଣାଣି ପାଇଁ ନୋଟିସ କରିଥିଲେ। ଏହି ଜନ ଶୁଣାଣିରେ ଗେଲ ଇଣ୍ଡିଆର କମ୍ପିଟାଣ୍ଟ ଅଥରିଟି ବିନୋଦ କୁମାର ପଣ୍ଡା, ଜିଏମ୍ ଏସ.କେ ଗୁପ୍ତା ଓ ଆସିଷ୍ଟାଣ୍ଟ କଲେକ୍ଟର ପ୍ରେମାନନ୍ଦ ବେଉରା ଉପସ୍ଥିତ ରହିଥିଲେ। ଏଥିସହ ସହିତ ଛେଣ୍ଡିପଦା ବ୍ଲକର କ୍ଷତିଗ୍ରସ୍ତ କୋଶଳା ଶିମିଳିସାହିର ୧୪ ଜଣ, ଛେଣ୍ଡିପଦା ଲଙ୍ଗୁଳି ଗ୍ରାମର ୯ ଜଣ, ଛେଣ୍ଡିପଦା, ମାମୁରିଆ, ଛୋଟତେନ୍ତୁଳି ଗ୍ରାମର ଜଣେ ଲେଖାଏଁ କ୍ଷତିଗ୍ରସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ। ଜନଶୁଣାଣିବେଳେ କ୍ଷତିଗ୍ରସ୍ତ ଜମିମାଲିକଙ୍କୁ ଜମିର ବେଞ୍ଚମାର୍କ ଭାଲ୍ୟୁଏସନ ଅନୁଯାୟୀ ଅଧିଗ୍ରହଣ କରାଯାଇଥିବା ଜମିର ମୂଲ୍ୟ ଦେବାପାଇଁ ଅଧିକାରୀମାନେ ବୁଝାଇଥିଲେ। ହେଲେ ଜମିମାଲିକମାନେ ଏହାକୁ ବିରୋଧ କରିଥିଲେ। ଏଥିସହ ଜମି ଦେବାପାଇଁ ରୋକଠୋକ ମନା କରି ଦେଇଥିଲେ। ପରେ ବୈଠକରୁ ଜମିମାଲିକମାନେ ଉଠିଆସିଥିଲେ।

ଏ ସମ୍ପର୍କରେ ବିନୋଦ କୁମାର ପଣ୍ଡା କୁହନ୍ତି, ଗ୍ୟାସ ପାଇପ ଲାଇନ ନିମନ୍ତେ ଆବଶ୍ୟକ ପଡୁଥିବା ଜମି ଅଧିଗ୍ରହଣ ଅନୁଯାୟୀ ସରକାରୀ ନିୟମ ମୁତାବକ ବେଞ୍ଚ ଭାଲ୍ୟୁଏସନ କରାଯାଇ ଟଙ୍କା ପ୍ରଦାନ କରାଯିବ। ଅଧିଗ୍ରହଣ ହୋଇଥିବା ଜମି ନିଶ୍ଚିତ ଭାବେ କ୍ଷତିଗ୍ରସ୍ତ ପ୍ରଜାମାନଙ୍କୁ ଛାଡିବାକୁ ପଡିବ ବୋଲି ସେ ପ୍ରକାଶ କରିଛନ୍ତି।



**ଅଧାରୁ ଉଠିଆସିଲେ ଗ୍ରାମ ପ୍ରତିନିଧି**

■ଅନୁଗୋଳ ୮ମ ପଞ୍ଚାୟତ ସମିତି ବୈଠକ

# ଚାଷୀଙ୍କୁ ବିହନ ଦିଅ, ଲୋକଙ୍କୁ ପାଣି ଯୋଗାଅ



ଅନୁଗୋଳ ଅଫିସ, ୧୯।୬

ଅନୁଗୋଳ ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ୮ମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ପରେ ପ୍ରଥମ ବୈଠକ ହୋଇଥିବାରୁ ଏଥିରେ ନବନିର୍ବାଚିତ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଓ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ ଯୋଗ ଦେଇଥିଲେ। ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକ ଉନ୍ନୟନ ଅଧିକାରୀ ମାୟାଧର ବେହେରା, ବ୍ଲକ ଉପାଧ୍ୟକ୍ଷା ମମତା ପ୍ରଧାନ, ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ତପସ୍ୱିନୀ ବେହେରା, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ରାଜା ସାହେବ ଯୋଗ ଦେଇଥିଲେ। ଆଠମଲ୍ଲିକ ବିଧାୟକ ସାଏ ଚାଷୀଙ୍କୁ ଧାନ ବିହନ ଯୋଗାଇଦେବା ସମ୍ପର୍କରେ କହିଥିଲେ। ଏପରି କି ଚାଷୀମାନେ ବିଭିନ୍ନ କୃଷି କାର୍ଯ୍ୟାଳୟକୁ ଆସୁଥିଲେ ମଧ୍ୟ ସେମାନଙ୍କୁ ଠିକ୍ ମାର୍ଗ ଦର୍ଶନ କରାଯାଉ ନ ଥିବା ବିଧାୟକ କହିଥିଲେ। ସେହିପରି ବନ୍ତଳା ଓ ବସଲାରେ ଆରଡବ୍ଲ୍ୟୁଏସଏସ ପକ୍ଷରୁ ପାନୀୟ ଜଳ ପାଇଁ ପାଇପ ବିଛା ଯାଇଥିଲେ ମଧ୍ୟ ଲୋକଙ୍କୁ ପାଣି ଯୋଗାଇ ଦିଆଯାଉନାହିଁ। ଏହାକୁ ନେଇ ମଧ୍ୟ ବୈଠକରେ ଜନପ୍ରତିନିଧିମାନେ କ୍ଷୋଭ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ବିଭିନ୍ନ ଅଞ୍ଚଳରେ ଥିବା ଭଙ୍ଗା ସ୍କୁଲ ଗୁଡ଼ିକୁ ମରାମତି କରିବା ସହ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ବିଦ୍ୟାଳୟ ଭାଙ୍ଗିବାକୁ ମଧ୍ୟ କୁହାଯାଇଥିଲା। ସେହିପରି ବନୀକରଣ ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଏହି ଅବସରରେ ପଞ୍ଚାୟତ ଗୁଡ଼ିକରେ ନିର୍ମାଣାଧୀନ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ବିଡିଓ ବେହେରା ପରାମର୍ଶ ଦେଇଥିଲେ। ବୈଠକରେ ସମସ୍ତ ବ୍ଲକସ୍ତରୀୟ ଅଧିକାରୀଙ୍କ ସହ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ।

■ଅଭିଯୁକ୍ତ ପ୍ରେମିକଙ୍କୁ ଧରୁନି ପୋଲିସ

# ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଗର୍ଭବତୀ ଯୁବତୀ

ଅନୁଗୋଳ ଅଫିସ, ୧୯।୬

ଅନୁଗୋଳକୁ ସିଲାଇ ତାଲିମ ନେବାକୁ ଆସୁଥିବା ବେଳେ ଡେରଜାଙ୍ଗ ଗ୍ରାମର ସୁବାସ ବେହେରାଙ୍କ ସହ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିଲା। ପରେ ବିବାହ ପ୍ରତିଶ୍ରୁତି ଦେଇ ସୁବାସ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏବେ ସେ ୬ ମାସର ଗର୍ଭବତୀ। କିନ୍ତୁ ପ୍ରେମିକ ତାଙ୍କୁ ବିବାହ କରିବାକୁ ମନା କରିଦେବା ସହ ଫେରାର ହୋଇଯାଇଛନ୍ତି। ଏ ନେଇ ସେ ଜରପଡ଼ା ଥାନାରେ ଏତଲା ଦେଇଛନ୍ତି। କିନ୍ତୁ ପୋଲିସ ଅଭିଯୁକ୍ତଙ୍କୁ ଧରିବା ପରିବର୍ତ୍ତେ ଛାଡ଼ି ଦେଇଛି। ତେଣୁ ତାଙ୍କୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ଜରପଡ଼ା ଥାନା ଅଞ୍ଚଳର ଜନୈକା ଯୁବତୀ ବୁଧବାର ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ସମୟରେ ସେ ଆତ୍ମାହୁତି ଦେବାକୁ ଏକ ବ୍ୟାଗରେ କିରୋସିନ ଆଣିଥିବା ଜଣାପଡ଼ିବା ପରେ ସେଠାରେ ଉପସ୍ଥିତ ପୋଲିସ ତାହାକୁ ଛଡ଼ାଇ ନେଇଥିଲେ।

ଅଭିଯୋଗରେ ଯୁବତୀଙ୍କ ବାପା ଦର୍ଶାଇଛନ୍ତି ଯେ, ଡେରେଜାଙ୍ଗର ସୁବାସ ତାଙ୍କ ଝିଅକୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ଝିଅ ଗର୍ଭବତୀ ଥିବା ଜାଣିବା ପରେ ତାଙ୍କ ମା’ ଭାଙ୍ଗି ପଡ଼ିଥିଲେ। ଲୋକ ଲଜ୍ଜା ଭୟକୁ ନେଇ ଆତଙ୍କିତ ଥିବା ମା’ଙ୍କ ହୃଦଘାତରେ ମୃତ୍ୟୁ ହୋଇଯାଇଥିଲା। ଏବେ ଝିଅ ମଧ୍ୟ ଆତ୍ମାହୁତି ଦେବ ବୋଲି କହୁଛି। ଜରପଡ଼ା ଥାନାରେ ଅଭିଯୁକ୍ତ ପ୍ରେମିକ ସୁବାସଙ୍କ ବିରୋଧରେ ଲିଖିତ ଅଭିଯୋଗ କରାଯାଇଥିଲା। କିନ୍ତୁ ପୋଲିସ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଅଭିଯୁକ୍ତ ସୁବାସଙ୍କୁ ଧରି ଥାନାକୁ ଆଣିଥିଲେ ହେଁ ସଲାସୁତୁରା କରି ପୋଲିସ ଛାଡ଼ି ଦେଇଥିବା ଯୁବତୀଙ୍କ ବାପା ଅଭିଯୋଗ କରିଛନ୍ତି। ଏ ନେଇ ଜରପଡ଼ା ଥାନା ଅଧିକାରୀ ବିନ୍ଦୁବାସିନୀ ବିଶ୍ୱାଳ କହିଛନ୍ତି, ଅଭିଯୋଗ ଉପରେ ନଂ.୧୨୮/୧୯ରେ ମାମଲା ରୁଜୁ ହୋଇଛି। ଯୁବତୀଙ୍କ ପରିବାର ଲୋକମାନେ କରିଥିବା ଅଭିଯୋଗରେ କୌଣସି ସତ୍ୟତା ନାହିଁ। ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଯୁବତୀ ଜଣକ ବ୍ୟସ୍ତ ନ ହୋଇ କିଛି ଦିନ ଅପେକ୍ଷା କରନ୍ତୁ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

■ବିବାହ ପ୍ରତିଶ୍ରୁତି ଦେଇ ରଖିଥିଲେ ଶାରୀରିକ ସମ୍ପର୍କ

■ନ୍ୟାୟ ନ ମିଳିଲେ ଆତ୍ମାହୁତି ଦେବାକୁ ଚେତାବନୀ

■ସାଙ୍ଗରେ ଆଣିଥିବା କିରୋସିନ ଛଡ଼ାଇନେଲା ପୋଲିସ



## ସଂକ୍ଷେପରେ

### ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



**କାମାକ୍ଷାନଗର, ୧୯।୬(ଡି.ଏନ୍.ଏ.):** କାମାକ୍ଷାନଗର ବ୍ଲକ କୁସୁମଯୋଡ଼ି ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁଃଖବନ୍ଧୁ ବିଶ୍ୱାଳ (୬୫)ଙ୍କ ମଙ୍ଗଳବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଦୁଃଖବନ୍ଧୁଙ୍କ ନିଜ ଘର ବାଇସିଙ୍ଗା ଗ୍ରାମରେ। ସେ କୁସୁମଯୋଡ଼ିରେ ରହି ଆସୁଥିଲେ। ଜଣେ ଦକ୍ଷ ବିଜ୍ଞାନ ଶିକ୍ଷକ ଭାବେ ସେ ଛାତ୍ରୀଛାତ୍ରଙ୍କ ଶ୍ରଦ୍ଧାଭାଜନ ହୋଇପାରିଥିଲେ। କୁସୁମଯୋଡ଼ି ପଞ୍ଚାୟତ ହାଇସ୍କୁଲରୁ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ ଆରମ୍ଭ କରି ସେ ୨୦୧୨ରେ ଅବସର ଗ୍ରହଣ କରିଥିଲେ। ସ୍ୱତନ୍ତ୍ର କାର୍ଯ୍ୟଦକ୍ଷତା ପାଇଁ ୨୦୦୮ରେ ରାଜ୍ୟ ସରକାର ଏବଂ ୨୦୧୦ରେ ରାଷ୍ଟ୍ରପତି ତାଙ୍କୁ ପୁରସ୍କୃତ କରିଥିଲେ। ଜଣେ ମେଳାପୀ, ଛାତ୍ରବତ୍ସଳ ଶିକ୍ଷକ ଭାବେ ତାଙ୍କର ପରିଚୟ ଥିଲା। ଖବର ପାଇଁ ଅଞ୍ଚଳର ବହୁ ଶିକ୍ଷାବିତ୍, ପୁରାତନ ଛାତ୍ରୀଛାତ୍ର ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ଅପରାହ୍ନରେ ମୃତଦେହକୁ ବାଇସିଙ୍ଗା ନିଆଯାଇଥିଲା। ସେଠାରେ ତାଙ୍କର ଶେଷକୃତ୍ୟ କରାଯାଇଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି।

### ଅଗ୍ନିଶମ ବିଭାଗର ମକ୍‌ଡ୍ରିଲ୍




**ଭୁବନ, ୧୯।୬(ଡି.ଏନ.ଏ.):** ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଛି ମକ୍‌ଡ୍ରିଲ୍। ଅଗ୍ନିଶମ ବିଭାଗ ପକ୍ଷରୁ ବାତ୍ୟା, ବନ୍ୟା, ଭୂମିକମ୍ପ ଭଳି ପ୍ରାକୃତିକ ବିପତ୍ତି ଏବଂ ଅଗ୍ନିକାଣ୍ଡ, ଆକସ୍ମିକ ଦୁର୍ଘଟଣାର ଧନଜୀବନ ସୁରକ୍ଷା ଲାଗି ଆରମ୍ଭ ହୋଇଛି ସଚେତନତା କାର୍ଯ୍ୟକ୍ରମ। ଏହି ପରିପ୍ରେକ୍ଷୀରେ ଭୁବନ ବ୍ଲକ ଭୁଷଲ ପଞ୍ଚାୟତ ଅନ୍ତର୍ଗତ ଅସୁରବନ୍ଧପାଟଣା ଗ୍ରାମସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀରେ ବୁଧବାର ଅଗ୍ନିଶମ ସେବାଦଳ ପକ୍ଷରୁ ଆୟୋଜିତ ହୋଇଥିଲା ମକ୍‌ଡ୍ରିଲ୍। ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ, ସମ୍ମାନିତ ଅତିଥି ଜିପିଇଓ ଅଭିମନ୍ୟୁ ନାଏକ, ମୁଖ୍ୟ ଆଗ୍ନିକ ଅଂଶୁମାନ ସାହୁ, ବାଲିବୋ ସରପଞ୍ଚ ସନ୍ତୋଷ କୁମାର ଖୁଣ୍ଟିଆଙ୍କ ସମେତ ପୋଲିସ ବିଭାଗ, ସମନ୍ୱିତ ଶିଶୁ ବିକାଶ ଯୋଜନା ବିଭାଗ ଅଧିକାରୀ ଏବଂ ଜନପ୍ରତିନିଧି ଉପସ୍ଥିତ ଥିଲେ। ବନ୍ୟା, ବାତ୍ୟା ବେଳେ ସୁରକ୍ଷିତ ରହିବା, ଆସନ୍ନ ବିପତ୍ତିରୁ ରକ୍ଷା ପାଇବା ସହ ଗୃହପାଳିତ ପ୍ରାଣୀଙ୍କ ସୁରକ୍ଷା ନେଇ ନଦୀକୂଳିଆ ଲୋକଙ୍କୁ ସଚେତନ କରାଯାଇଥିଲା। ପ୍ରାକୃତିକ ବିପର୍ଯ୍ୟୟର ଧୈର୍ଯ୍ୟର ସହ ମୁକାବିଲା କରିବାକୁ ଜନପ୍ରତିନିଧିମାନେ ଆହ୍ୱାନ ଦେଇଥିଲେ।

### ଜେଏମ୍‌ଏଫ୍‌ସିଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଭୁବନ, ୧୯।୬(ଡି.ଏନ.ଏ.):** ଭୁବନ ବାର୍ ଆସୋସିଏଶନ କାର୍ଯ୍ୟାଳୟରେ ସ୍ଥାନୀୟ ଜେଏମ୍‌ଏଫ୍‌ସି କୋର୍ଟର ବିଚାରପତି ସାଇଅଭୀପ୍ସା ଗୋଚ୍ଛାୟତଙ୍କୁ ବୁଧବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ସଂଘ ସଭାପତି ବାବୁଲି ସେଠୀ ଅଧକ୍ଷତା କରିଥିଲେ। ବିଚାରପତି ସାଇଅଭୀପ୍ସା ଗୋଚ୍ଛାୟତଙ୍କ ବରଗଡ଼ ବଦଳି ହୋଇଛି। ସେ ଭୁବନରେ କାର୍ଯ୍ୟରତ ଥିବାବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ମାମଲାର ଫଇସଲା କରିଥିଲେ। ଏଥିସହ ଆଇନଗତ ସଚେତନତା କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ସାମିଲ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ମତପ୍ରକାଶ ପାଇଥିଲା। ସରକାରୀ ଓକିଲ ମହେନ୍ଦ୍ର ମହାପାତ୍ର, ଆଇନଜୀବୀ ରବୀନ୍ଦ୍ର ଦାଶ, ସନାତନ ଗୁରୁ, କୁଞ୍ଜବିହାରୀ ଚିନ୍ନାରା, ଦିବାକର ଦାସ, ପ୍ରହ୍ଲାଦ ସାହୁ ପ୍ରମୁଖ ଉପସ୍ଥିତ ରହି ବିଦାୟୀ ବିଚାରପତିଙ୍କ ସଫଳ କର୍ମମୟ ଜୀବନ କାମନା କରିଥିଲେ।



---

■ସମ୍ଭାବ୍ୟ ବନ୍ୟାବାତ୍ୟା ମୁକାବିଲା ପାଇଁ ସଚେତନତା

# ସମନ୍ୱୟ, ସହଯୋଗିତା ଉପରେ ଗୁରୁତ୍ୱ

**ଢେଙ୍କାନାଳ ଅଫିସ, ୧୯।୬**



ଛାତ୍ରୀଛାତ୍ରଙ୍କୁ ମକ୍‌ଡ୍ରିଲ ମାଧ୍ୟମରେ ସମ୍ଭାବ୍ୟ ବନ୍ୟାବାତ୍ୟାର ମୁକାବିଲା ସମ୍ପର୍କରେ ସଚେତନ କରାଯାଉଛି।

ଆରମ୍ଭ ହେଲାଣି ପ୍ରାକ୍ ମୌସୁମୀ ବର୍ଷା। ସପ୍ତାହକ ମଧ୍ୟରେ ସାରା ରାଜ୍ୟକୁ ମୌସୁମୀ ଛୁଇଁବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବର୍ଷା ଋତୁରେ ସମ୍ଭାବ୍ୟ ବନ୍ୟାବାତ୍ୟାର ମୁକାବିଲା କରିବାକୁ ପ୍ରଶାସନ ମଧ୍ୟ ତତ୍ପର ହୋଇ ଉଠିଛି। ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ଜିଲାସ୍ତରୀୟ ସଚେତନତା ବୈଠକରେ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି।

ରାଜ୍ୟ ପର୍ଯ୍ୟବକ୍ଷକ ଭାବେ ଓସ୍‌ଡମାର ମୁଖ୍ୟ ସାଧାରଣ ପରିଚାଳକ ଦେବବ୍ରତ ଜେନା ଯୋଗଦେଇ କହିଲେ, ବିଜ୍ଞାନର ଅଗ୍ରଗତି ଯୋଗୁ ବନ୍ୟାବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ପୂର୍ବାନୁମାନ କରାଯାଇପାରୁଛି। ଆଗୁଆ ସତର୍କତାମୂଳକ ପଦକ୍ଷେପ ନିଆଯାଇପାରୁଛି। ଏହାଦ୍ୱାରା ଅନେକ ମାତ୍ରାରେ ଧନଜୀବନ ରକ୍ଷା ହୋଇପାରୁଛି। ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ଉଦାହରଣ ସୃଷ୍ଟି କରିଛି। 'ଫନୀ' ବାତ୍ୟା ସମୟରେ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରୁ ୧୫ଲକ୍ଷ ୫୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ଫଳରେ କ୍ଷୟକ୍ଷତି ଅନେକ ପରିମାଣରେ ରୋକାଯାଇପାରିଲା। ମାନବିକତାକୁ ଅଗ୍ରାଧିକାର ଦେଇ ସମନ୍ୱୟ ଓ ସହଯୋଗିତା ଭିତ୍ତିରେ ନିଜେ ସୁରକ୍ଷିତ ରହିବା ସହ ଅନ୍ୟମାନଙ୍କୁ ସୁରକ୍ଷିତ ରଖିବାରେ ଯତ୍ନବାନ ହେବାକୁ ସେ ଆହ୍ୱାନ ଦେଇଥିଲେ।



ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା କହିଲେ, ସମସ୍ତଙ୍କ ସହଯୋଗ ଓ ସାହାଯ୍ୟ ମନୋବୃତ୍ତି ଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା କରାଯାଇପାରିବ। ଜିଲା ରେଡ୍‌କ୍ରସ୍ ଉପସଭାପତି ବିରଞ୍ଚି ନାରାୟଣ ପାଣି, ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରସନ୍ନ ପଟ୍ଟନାୟକ ଆଲୋଚନାରେ ଭାଗନେଇ କହିଲେ, ବିପତ୍ତି ସମୟରେ ମଣିଷପଣିଆ ଭୁଲିଯିବା ଅନୁଚିତ। କଠୋର ପରିସ୍ଥିତିରେ ହୃଦୟର ସହ ସହଯୋଗ କରିବା ଉଚିତ। ପ୍ରଶାସନିକ ଅଧିକାରୀମାନେ ମଧ୍ୟ ଏ ଦିଗରେ ଅଧିକ ଯତ୍ନଶୀଳ ହେବାକୁ ଉଭୟେ ପରାମର୍ଶ ଦେଇଛନ୍ତି।

ଜିଲା ଆପତ୍‌କାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଓସ୍‌ଡମା ପ୍ରକଳ୍ପ ଅଧିକାରୀ ନିମାଇଁ ଚରଣ ଦାସ, ସହକାରୀ ଅଗ୍ନିଶମ ଅଧିକାରୀ ଉମାକାନ୍ତ ନାୟକ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଜିଲା ଶିକ୍ଷାଧିକାରୀ ସୁଧାନନ୍ଦ ପରିଡ଼ା, ଜିଲା ଯୋଗାଣ ଅଧିକାରୀ ହାଡ଼ିବନ୍ଧୁ ସେଠୀଙ୍କ ସମେତ ଓଡ୍ରାଫ୍, ଅଗ୍ନିଶମ ବିଭାଗର କର୍ମଚାରୀ, ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି ଅବସରରେ କାର୍ଯ୍ୟାଳୟ ପରିସରରେ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟ ସମ୍ପର୍କିତ ମକ୍‌ଡ୍ରିଲ କରାଯାଇଥିଲା।

---

## ଜାତୀୟ ଟାଏକୋଣ୍ଡୋ: ସମୀକ୍ଷାଙ୍କୁ ସ୍ୱର୍ଣ୍ଣ

**ଢେଙ୍କାନାଳ ଅଫିସ, ୧୯।୬**



ପଦକ ସହ ସମୀକ୍ଷା ନନ୍ଦା

ଉତ୍ତରପ୍ରଦେଶର ଲକ୍ଷ୍ନୌରେ ଆୟୋଜିତ ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଢେଙ୍କାନାଳ ସରସ୍ୱତୀ ଶିଶୁମନ୍ଦିରର ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ସମୀକ୍ଷା ନନ୍ଦ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ସଫଳତା ପରେ ସମୀକ୍ଷାଙ୍କୁ ବିଭିନ୍ନ ସ୍ଥାନରୁ ଶୁଭେଚ୍ଛା ଏବଂ ଅଭିନନ୍ଦନ ବାର୍ତ୍ତା ପହଞ୍ଚିଛି। ଏଥିପାଇଁ ସେ ଟ୍ରାଡିଶନାଲ ଟାଏକୋଣ୍ଡ୍ ଡୋଜାଙ୍ଗ ଅନୁଷ୍ଠାନର କୋଚ୍ ସୌମ୍ୟକାନ୍ତ ବେଉରାଙ୍କୁ ଶ୍ରେୟ ଦେଇଛନ୍ତି।

ଟାଏକୋଣ୍ଡୋ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ଜୁନ୍ ୧୪ରୁ ୧୬ ଯାଏ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପି-ୱି କାଟେଗୋରିରେ ସମୀକ୍ଷା ଗୋଟିଏ ସ୍ୱର୍ଣ୍ଣ ଏବଂ ପୋମ୍‌ସାଏରେ ଗୋଟିଏ ରୌପ୍ୟ ପଦକ ଜିତିଛନ୍ତି। ଏ ନେଇ ସମୀକ୍ଷା ପ୍ରତିକ୍ରିୟାରେ କହିଛନ୍ତି, ଭଦ୍ରକରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଗୋଟିଏ ସ୍ୱର୍ଣ୍ଣ ଏବଂ ଗୋଟିଏ ରୌପ୍ୟ ପଦକ ପାଇ ଜାତୀୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଥିଲେ। ଏଥିରେ ସଫଳ ହେବାକୁ ସେ ଦୈନିକ ୫-୬ଘଣ୍ଟା ଅଭ୍ୟାସ କରୁଥିଲେ। ଗଁଦିଆ ବ୍ଲକ ବିଶ୍ୱନାଥପୁର ନାଗେନା ଗ୍ରାମର ମଧୁସ୍ମିତା ନନ୍ଦ ଏବଂ ସସ୍ମିତ ନନ୍ଦଙ୍କ କନ୍ୟା ହେଉଛନ୍ତି ସମୀକ୍ଷା। ସେ ମଧ୍ୟ ପୂର୍ବତନ ବିଧାୟକ ନବୀନ ନନ୍ଦଙ୍କ ନାତୁଣୀ।

## ଜାତୀୟ ରାଜପଥରେ କାର୍ ଭଙ୍ଗାରୁଜା

**ଢେଙ୍କାନାଳ ଅଫିସ, ୧୯।୬**

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ହିନ୍ଦୋଳ ରୋଡ୍ ଫାଣ୍ଡି ଅଧୀନ ୫୫ନଂ. ଜାତୀୟ ରାଜପଥର ପୋଡ଼ାପଡା ଛକରେ ବୁଧବାର ସନ୍ଧ୍ୟାରେ କେତେକ ଯୁବକ ଏକ କାରକୁ ଭଙ୍ଗାରୁଜା କରି ଫେରାର ହୋଇଯାଇଛନ୍ତି।

ମଶାଣିଆ ଅଞ୍ଚଳର ଏକ ବରଯାତ୍ରୀ ଦଳ ବାବନ୍ଧ ଆସିଥିଲା। ଉକ୍ତ ବରଯାତ୍ରୀ ଦଳ ସହିତ ସମ୍ପୃକ୍ତ ଯୁବକମାନେ ଏକ କାର୍‌ରେ ଆସିଥିଲେ। ଗାଡ଼ି ପାର୍କିଂକୁ ନେଇ ବାବନ୍ଧ ଗ୍ରାମର କେତେଜଣ ଯୁବକଙ୍କ ସହିତ ସେମାନଙ୍କ ବିବାଦ ହୋଇଥିଲା। ପରେ ଏହା ଉଗ୍ରରୂପ ଧାରଣ କରିଥିଲା। ପରିସ୍ଥିତି ଜଟିଳ ହେବାରୁ ବରଯାତ୍ରୀ ଦଳର ଯୁବକମାନେ କାର୍ ଧରି ପଳାଇଆସିଥିଲେ। ପୋଡ଼ାପଡ଼ା ଛକରେ ସେମାନଙ୍କ ଗାଡ଼ି ଚକା ଲିକ୍ ହୋଇଯାଇଥିଲା। ବିପକ୍ଷ ଗୋଷ୍ଠୀର ଆକ୍ରମଣ ଭୟରେ ସେମାନେ ଗାଡ଼ି ଛାଡି ପଳାଇଥିଲେ। ସେମାନଙ୍କୁ ପିଛା କରି ଆସୁଥିବା ବାବନ୍ଧ ଅଞ୍ଚଳର ଯୁବକମାନେ କାର୍‌କୁ ଭଙ୍ଗାରୁଜା କରି ପଳାଇଯାଇଥିବା ଫାଣ୍ଡି ଅଧିକାରୀ ଅକ୍ଷୟ ଦାସ କହିଛନ୍ତି। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

---

■ବିଶ୍ରାମାଗାରରୁ ନବଜାତ ଶିଶୁକନ୍ୟା ଉଦ୍ଧାର

# ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଗଲା

**ଢେଙ୍କାନାଳ ଅଫିସ, ୧୯।୬**



ଉଦ୍ଧାର ନବଜାତ ଶିଶୁକନ୍ୟା।

ଢେଙ୍କାନାଳ ଜିଲା ଯୋରନ୍ଦା ନିକଟ ତେରମାଇଲ ଛକସ୍ଥିତ ଯାତ୍ରୀ ବିଶ୍ରାମାଗାରରୁ ବୁଧବାର ସକାଳ ୫ଟା ୨୦ରେ ଅସହାୟ ଅବସ୍ଥାରେ ପଡ଼ିଥିବା ଏକ ନବଜାତ ଶିଶୁକନ୍ୟାକୁ ଅଞ୍ଚଳବାସୀ ଉଦ୍ଧାର କରିଛନ୍ତି। ଢେଙ୍କାନାଳ ଯିବା ପାଇଁ ବସ୍‌କୁ ଅପେକ୍ଷା କରିଥିବା କେତେଜଣ ଯାତ୍ରୀ ନବଜାତକର କାନ୍ଦିବା ଶବ୍ଦ ଶୁଣିଥିଲେ। ଖୋଜାଖୋଜି କରିବା ପରେ ଏକ ମାଟି ଖପରାରେ କନାରେ ଗୁଡ଼ାଯାଇଥିବା ଅବସ୍ଥାରେ ଶିଶୁକନ୍ୟାକୁ ସେମାନେ ଠାବ କରିଥିଲେ। ସ୍ଥାନୀୟ ଯୁବକ ସମର ମହାନ୍ତି ନବଜାତକକୁ ପ୍ରଥମେ ସ୍ଥାନୀୟ ଅଙ୍ଗନୱାଡି କର୍ମୀଙ୍କୁ ହସ୍ତାନ୍ତର କରିଥିଲେ। ପରେ ଶିଶୁକନ୍ୟାକୁ ଯୋରନ୍ଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସୂଚନାପାଇ ଜିଲା ଚାଇଲ୍ଡ ଲାଇନ ଏବଂ ଶିଶୁ ସୁରକ୍ଷା ବିଭାଗ ଅଧିକାରୀ ପହଞ୍ଚି ଶିଶୁକୁ ନିଜ ହେପାଜତ୍‌କୁ ନେଇଛନ୍ତି। ଅଧିକ ଚିକିତ୍ସା ପାଇଁ ଶିଶୁକୁ ଜିଲା ମୁଖ୍ୟ ଚିକିତ୍ସାଳୟର ଏସ୍‌ଏନ୍‌ସିଏଲ ବିଭାଗରେ ରଖାଯାଇଛି। ଏ ସମ୍ପର୍କରେ ଜିଲା ଶିଶୁ କଲ୍ୟାଣ ସମିତିକୁ ପତ୍ର ମାଧ୍ୟମରେ ଅବଗତ କରାଯାଇଥିବା ଚାଇଲ୍ଡ ଲାଇନ କେନ୍ଦ୍ର ସଂଯୋଜିକା ମନ୍ଦାକିନୀ ରାଉତ ସୂଚନା ଦେଇଛନ୍ତି। ତେବେ ଶିଶୁ କନ୍ୟା ବିଶ୍ରାମାଗାରକୁ କିପରି ଆସିଲା ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ।

## ୧୪ଶହ ଲିଟର ସ୍ପିରିଟ୍ ଜବତ, ଜଣେ ଗିରଫ

**ସୋର, ୧୯।୬ (ଡି.ଏନ୍.ଏ)**

ବୁଧବାର ସକାଳେ ଭ୍ରାମ୍ୟମାଣ ଅବକାରୀ ଟିମ୍ ସହ ସୋର ଓ ନୀଳଗିରି ଅବକାରୀ ବିଭାଗ କର୍ମଚାରୀ ମିଳିତ ଭାବେ ବାଲେଶ୍ୱର ଜିଲା ସିମୁଳିଆ ଥାନା ଅନ୍ତର୍ଗତ ପଟିଆପଡାରେ ଚଢ଼ାଉ କରି ନକଲି ବିଦେଶୀ ମଦ ପ୍ରସ୍ତୁତରେ ବ୍ୟବହୃତ ହେଉଥିବା ୧୪୦୦ ଲିଟର ରାକ୍ଟିଫାଏଡ୍ ସ୍ପିରିଟ୍ ଜବତ କରିଛନ୍ତି। ଏହି ଘଟଣାରେ ଗ୍ରାମର ସତ୍ୟରଞ୍ଜନ ପଣ୍ଡୁଆଙ୍କୁ ଗିରଫ କରାଯାଇଛି। ଚଢ଼ାଉ ବେଳେ ତାଙ୍କ ଘରେ ୨୮ଟି ପ୍ଲାଷ୍ଟିକ୍ ଜାରରେ ୫୦ ଲିଟର କରି ଏହି ସ୍ପିରିଟ୍ ରଖାଯାଇଥିଲା। ଏହି ସ୍ପିରିଟ୍ ବ୍ୟବହାର କରି କେଉଁସ୍ଥାନରେ ନକଲି ବିଦେଶୀ ମଦ ପ୍ରସ୍ତୁତ କରାଯାଉଥିଲଶ, ସେ ନେଇ ଅଧିକ ତଦନ୍ତ ଜାରି ରହିଛି। ଏନେଇ ଅବକାରୀ ବିଭାଗ ଏକ ମାମଲା(ନଂ. ୨୮/୧୯-୨୦)ରେ ରୁଜୁ କରି ଅଭିଯୁକ୍ତ ସତ୍ୟରଞ୍ଜନଙ୍କୁ କୋର୍ଟ ଚାଲାଣ କରିଛି। ଏହି ଚଢ଼ାଉରେ ନିଳଗିରୀ ଅବକାରୀ ଅଧିକାରୀ ଉଦୟଲାଲ ନାୟକଙ୍କ ସମେତ ସୋର ଅଧିକାରୀ କଳମଣୀ ମହାରଣା ଅଂଶଗ୍ରହଣ କରିଥିଲେ।

## ବିତ୍ତୀୟ ସାକ୍ଷରତା କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଅତିଥି ଏବଂ ଅଞ୍ଚଳବାସୀ।

**ଢେଙ୍କାନାଳ ଅଫିସ, ୧୯।୬**

ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ପଞ୍ଚାୟତ ଚିନ୍ତାପୋଖରୀ ଗ୍ରାମରେ ମଙ୍ଗଳବାର ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ବିତ୍ତୀୟ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କସେବା ବିଷୟରେ ଲୋକଙ୍କୁ ସଚେତନ କରାଯାଇଥିଲା। ଏଥିସହ ସାଧାରଣ ଲୋକେ, ଚାଷୀ କିପରି ସହଜରେ ବ୍ୟାଙ୍କସେବା ସହ ଯୋଡ଼ିହୋଇପାରିବେ ସେ ନେଇ ସୂଚନା ଦିଆଯାଇଥିଲା।

ଆର୍‌ବିଆଇ ଓଡ଼ିଶାର ସହକାରୀ ମହାପ୍ରବନ୍ଧକ ସୁନୀଲ କୁମାର ଦାସ କାର୍ଯ୍ୟକ୍ରମରେ ଯୋଗଦେଇ ସାମାଜିକ ଅଗ୍ରଗତିରେ ବ୍ୟାଙ୍କର ଭୂମିକା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ବ୍ୟାଙ୍କସେବାକୁ ଅଧିକ ଲୋକାଭିମୁଖୀ କରିବାକୁ ଆର୍‌ବିଆଇ ଅଧିକାରୀଙ୍କ ନିକଟରେ ଅଞ୍ଚଳବାସୀ ଦାବି କରିଥିଲେ।

କାର୍ଯ୍ୟକ୍ରମରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଆଞ୍ଚଳିକ ମହାପ୍ରବନ୍ଧକ ସନ୍ଦୀପ ଦାଶ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଅଧକ୍ଷ ବୃନ୍ଦାବନ ନାୟକ, ବିତ୍ତୀୟ ଅଗ୍ରଣୀ ବ୍ୟାଙ୍କ ପରିଚାଳକ ବିଶ୍ୱନାଥ ପଟ୍ଟନାୟକ, ବିତ୍ତୀୟ ସାକ୍ଷରତା ସଂଯୋଜକ ରବିନାରାୟଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଧନ ଫାଉଣ୍ଡେଶନ କାର୍ଯ୍ୟନିର୍ବାହୀ ଅଧିକାରୀ ବିରଜା ପ୍ରସାଦ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

---

## ସଫଳ ଜୀବନର ଚାବିକାଠି ଶିକ୍ଷା



କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ସାତମାଇଲ, ୧୯।୬(ଡି.ଏନ.ଏ.)**

ହିନ୍ଦୋଳ ଉପଖଣ୍ଡ ଚିତ୍ତଳପୁର ଗ୍ରାମର ପରମେଶ୍ୱର ଯୁବକ ସଂଘ ଆନୁକୂଲ୍ୟରେ ଚଳିତବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ପଞ୍ଚଚିତ୍ତ ଉଚ୍ଚ ବିଦ୍ୟାଳୟରୁ ପ୍ରଥମ ଶ୍ରେଣୀରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏ ନେଇ ଯୁବକ ସଂଘ ସଭାଗୃହରେ ସଂଘ ସଭାପତି ପ୍ରଶାନ୍ତ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଡାକ୍ତର ସୁଧାକର ପାଳ ଯୋଗଦେଇ କହିଲେ, ସଫଳ ଜୀବନର ଅସଲ ଚାବିକାଠି ହେଉଛି ଶିକ୍ଷା। ଶିକ୍ଷା ଛାତ୍ର ଜୀବନର ଆଲୋକ ବର୍ତ୍ତିକା ବୋଲି ସେ ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଧାନ ଶିକ୍ଷକ ଦିବାକର ପାଳ, ସମ୍ମାନିତ ଅତିଥି ଦିବାକର ପାଣିଗ୍ରାହୀ, ଶିକ୍ଷାବିତ୍ ଟଙ୍କଧର ପତି, ପ୍ରଦୀପ ପାଣିଗ୍ରାହୀ, ହରମୋହନ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଯୁବକ ସଂଘ ଉପଦେଷ୍ଟା ଜିତେନ ପତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ପ୍ରଭଞ୍ଜନ ପାଣିଗ୍ରାହୀ ସଂଯୋଜନା କରିଥିଲେ। ପରେ ଛାତ୍ରୀ ଦୀପଶିଖା ପାଣିଗ୍ରାହୀ, ବିଷ୍ଣୁପ୍ରିୟା ପତି ଛାତ୍ର ପ୍ରତ୍ୟୁଷା ମହାପାତ୍ର, ଜଗଦିଶ ସାହୁଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ। ଯୁବକସଂଘ ସଦସ୍ୟ ଆଶିଷ ପାଣିଗ୍ରାହୀ, ଆଶୁତୋଷ ପାଣିଗ୍ରାହୀ, ସନ୍ତୋଷ ପତି, ରିଙ୍କୁ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

■୮ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

# ମହୁଚାଷ ଲାଭଦାୟକ ବ୍ୟବସାୟ

**ଢେଙ୍କାନାଳ ଅଫିସ, ୧୯।୬**



ଚାଷୀଙ୍କୁ ମହୁଚାଷ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଉଛି।

ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ତରଫରୁ ଢେଙ୍କାନାଳ ଉଦ୍ୟାନ କୃଷି ଭବନରେ ବୁଧବାରଠାରୁ ଆରମ୍ଭ ହୋଇଛି ମହୁଚାଷ ତାଲିମ ଶିବିର। ମୁଖ୍ୟଅତିଥି ଭାବେ ଜିଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ଉମାକାନ୍ତ ରାଜ, ସମ୍ମାନିତ ଅତିଥି ଭାବେ ଏଲ୍‌ଡିଏମ୍ ବିଶ୍ୱନାଥ ପଟ୍ଟନାୟକ, ଡିଡିଏମ୍ ନାବାର୍ଡ ଡ. ଜ୍ଞାନେନ୍ଦ୍ର ରାଉତ, ଉନ୍ନୟନ ଅଧିକାରୀ ଶଙ୍କର୍ଷଣ ସେଠୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ।

ଶିଳ୍ପ ବିକାଶ କ୍ଷେତ୍ରରେ ମହୁଚାଷ ଲାଭଦାୟକ ବ୍ୟବସାୟ। ଏଥି ଲାଗି ସୁବିଧାରେ ବ୍ୟାଙ୍କ ଋଣ ମିଳିପାରୁଛି। ନିଷ୍ଠାବାନ, କର୍ମଠ ହୋଇ ମହୁଚାଷ କଲେ ପ୍ରଚୁର ଲାଭ ମିଳିବ। ପରିବାରର ଆର୍ଥିକ ସ୍ଥିତି ସୁଧୁରିବ। ଆଞ୍ଚଳିକ ଶିଳ୍ପ କେନ୍ଦ୍ର, ଓଡ଼ିଶା ଖଦି ବୋର୍ଡ, ଉଦ୍ୟାନ କୃଷି ବିଭାଗ ପକ୍ଷରୁ ମଧ୍ୟ ଆଗ୍ରହୀ ଚାଷୀଙ୍କୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ଜିଲାର ଚାଷୀଙ୍କୁ ମହୁଚାଷ ପ୍ରତି ଆଗ୍ରହ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ୮ଦିନ ଧରି ଚାଲିବାକୁ ଥିବା ଏହି ଶିବିରରେ ଜିଲାର ବିଭିନ୍ନ ବ୍ଲକରୁ ୨୦ଜଣ ମହୁଚାଷୀ ଯୋଗ ଦେଇଛନ୍ତି।

ପ୍ରାରମ୍ଭରେ ଖଦି ବୋର୍ଡ ପର୍ଯ୍ୟବେକ୍ଷକ ସୁରେଶ ଚନ୍ଦ୍ର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉନ୍ନୟନ ଅଧିକାରୀ ଶଙ୍କର୍ଷଣ ସେଠୀ, ସଦର ବ୍ଲକ ଶିଳ୍ପ ବିକାଶ ଅଧିକାରୀ ସତ୍ୟପ୍ରିୟ ସାହୁ ପରିଚାଳନାରେ ସହାୟତା କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ଗୁରୁବାର,୨୦ ଜୁନ /୨୦୧୯, Dhenkanal, Thursday June 20 / 2019

## ସଂକ୍ଷେପରେ

### ନିଖୋଜ ବୃଦ୍ଧଙ୍କ ଗଳିତ ମୃତଦେହ ଉଦ୍ଧାର

**ଭାପୁର, ୧୯।୬(ଡି.ଏନ୍.ଏ.):** ଢେଙ୍କାନାଳ ସଦର ବ୍ଲକ ଭାପୁର ଫାଣ୍ଡି ଅଧୀନ ବଣିଆସାହି ଗ୍ରାମର ନିଖୋଜ ବୃଦ୍ଧ ଲିଙ୍ଗରାଜ ନାଏକ (୬୫)ଙ୍କ ଗଳିତ ମୃତଦେହ ନଦୀ ମଝିରେ ଥିବା ଏକ ବୁଦାରୁ ବୁଧବାର ଉଦ୍ଧାର କରାଯାଇଛି। ଜୁନ୍ ୧୧ରୁ ଲିଙ୍ଗରାଜ ନିଖୋଜ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ତାଙ୍କର ଖୋଜଖବର ମିଳି ନ ଥିଲା। ଏ ନେଇ ୧୬ ତାରିଖରେ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ବୁଧବାର ଅପରାହ୍ନରେ ସାପୁଆ ନଦୀ ମଝିରେ ଥିବା ତଣ୍ଡିବଣରୁ ଲିଙ୍ଗରାଜଙ୍କ ମୃତଦେହ ଠାବ କରାଯାଇଥିଲା। ତେବେ ପୋଲିସକୁ ସୂଚନା ନ ଦେଇ ପରିବାର ଲୋକେ ମୃତଦେହ ସତ୍କାର କରିଦେଇଛନ୍ତି। ଏ ନେଇ କୌଣସି ମାମଲା ରୁଜୁ ହୋଇନାହିଁ।

### ଭୁଜାଲି ଦେଖାଇ ନେଇଗଲେ ୧.୧୯ ଲକ୍ଷ

**ଭୁବନ, ୧୯।୬(ଡି.ଏନ.ଏ.):** ଭୁବନ ଥାନା ଅନ୍ତର୍ଗତ ମହୁଲପାଳ ଗ୍ରାମ ନିକଟରୁ ମଙ୍ଗଳବାର ଅପରାହ୍ନରେ ବଡ଼ ଧରଣର ଲୁଟ୍ ହୋଇଛି। ଲୁଟ୍‌ର ଶିକାର ହୋଇଛନ୍ତି ଭାରତ ଫାଇନାନ୍ସ କର୍ମଚାରୀ ବବି ଲାଲ୍। ଟଙ୍କା ଆଦାୟ କରି ଫେରୁଥିବାବେଳେ ୨ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କୁ ଅଟକାଇଥିଲେ। ପରେ ଭୁଜାଲି ଦେଖାଇ ତାଙ୍କଠାରୁ ଟଙ୍କା ଭର୍ତ୍ତି ବ୍ୟାଗ୍ ଛଡ଼ାଇ ନେଇ ପଳାଇଥିଲେ, ଯେଉଁଥିରେ ୧ଲକ୍ଷ ୧୯ ହଜାର ଟଙ୍କା ଥିଲା ବୋଲି ବବି ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ନଂ. ୧୩୬/୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

### ସାମାଜିକ କର୍ମୀଙ୍କ ବିୟୋଗ

**କାମାକ୍ଷାନଗର, ୧୯।୬(ଡି.ଏନ୍.ଏ.):** କାମାକ୍ଷାନଗର ବ୍ଲକ ଜଗନ୍ନାଥପୁର ଗ୍ରାମର ସାମାଜିକ କର୍ମୀ ଗଦାଧର ଖଟୁଆ (୭୨)ଙ୍କ ବୁଧବାର ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ସ୍ନାୟୁଜନିତ ରୋଗରେ ଆକ୍ରାନ୍ତ ଥିଲେ। ଜଣେ ସଫଳ ଚାଷୀ ଭାବେ ସେ ଅଞ୍ଚଳରେ ପରିଚିତ ଥିଲେ। ଏଥିସହ ଅଞ୍ଚଳବାସୀଙ୍କ ସୁଖଦୁଃଖରେ ସାମିଲ ଥିଲେ। ରାଜନୀତିରେ ମଧ ସେ ଛାଡ଼ିଥିଲେ ଛାପ। ନାଏବ ସରପଞ୍ଚ ଭାବେ ସେ ଦୀର୍ଘଦିନ ଧରି ଦାୟିତ୍ୱ ତୁଲାଇଥିଲେ। କେବଳ ଏତିକି ନୁହେଁ, ଦୀର୍ଘଦିନ ଧରି ଜଗନ୍ନାଥପୁର ହାଇସ୍କୁଲର ସଭାପତି ରହିଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

## ବୀର ପୁଅକୁ ଝୁରୁଛି ବଡ଼ସୁଆଁଳ

# ଶହୀଦ ଅଜିତ୍‌ଙ୍କୁ ଚାହିଁ ବସିଛନ୍ତି ସଭିଏଁ

**କାମାକ୍ଷାନଗର, ୧୯।୬(ଡି.ଏନ୍.ଏ.)**

ମାଟିର ପୁଅକୁ ଝୁରୁଛି ବଡ଼ସୁଆଁଳ। ୨ଦିନ ହେଲା ଘରେ ଜଳିନି ଚୁଲି। ମା'ବାପାଙ୍କ ଆଖି ପଲକ ପଡ଼ିନି। କାହାରି ପେଟକୁ ଯାଇନି ଦାନା। କାନ୍ଦବୋବାଳିରେ ଫାଟୁଛି ଘର। ଖାଁ, ଖାଁ ଘର। ବାହାରେ ଲୋକାରଣ୍ୟ ପରିବେଶ। ସମସ୍ତଙ୍କ ମୁହଁରେ ଗୋଟିଏ କଥା, କେବେ ଆସିବ ଶହୀଦ ଅଜିତ୍‌ଙ୍କ ମରଶରୀର। କେବଳ ଆତ୍ମୀୟ ସ୍ୱଜନ ନୁହନ୍ତି, ଅଜିତ୍‌ଙ୍କ ଶବାଧାରରେ ସାମିଲ ହେବାକୁ ଚାହିଁ ବସିଛନ୍ତି ସାଙ୍ଗସାଥୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ।



ଆତଙ୍କବାଦୀଙ୍କ ସହ ଲଢ଼ି ଶହୀଦ ହୋଇଛନ୍ତି ଅଜିତ୍ ସାହୁ। ହଠାତ୍ ଏହି ଘଟଣାକୁ ବିଶ୍ୱାସ କରିପାରି ନ ଥିବା ସାଙ୍ଗସାଥୀ, ବନ୍ଧୁବାନ୍ଧବ, ପରିବାର, ଆତ୍ମୀୟସ୍ୱଜନ ଏବେ ସତ୍ୟତା ଜାଣିଲେଣି। ଏବେ ଅଫେରା ଦୁନିଆରେ ଅଜିତ୍। ସେ ଆଉ ଫେରିବନି, ଏକଥା ସେମାନେ ହୃଦୟଙ୍ଗମ କଲେଣି। ଅନ୍ୟପଟେ ବିମାନରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଅଜିତଙ୍କ ମର ଶରୀର ପାଟନା ବିମାନ ବନ୍ଦରରେ ଅଟକି ରହିଛି। ସମୟ ଯେତିକି ବିତୁଛି ସେତିକି ବଢୁଛି ବ୍ୟସ୍ତତା। ଏବେ ସମସ୍ତଙ୍କ ମୁହଁରେ ଗୋଟିଏ କଥା କେବେ ଆସିବେ ଶହୀଦ ବୀର।

ବୁଧବାର ପୂର୍ବାହ୍ନରେ 'ଧରିତ୍ରୀ' ପ୍ରତିନିଧି ପହଞ୍ଚିଥିଲେ ଶହୀଦ ଗ୍ରାମ ବଡ଼ସୁଆଁଳରେ। ସେତେବେଳକୁ ଘର ବାହାରେ ବନ୍ଧୁବାନ୍ଧବ, ପରିଜନ, ସାଙ୍ଗସାଥୀଙ୍କ ଭିଡ଼ ଲାଗି ରହିଥିଲା। ଧୈର୍ଯ୍ୟହରା ହୋଇପଡ଼ିଥିବା ଅଜିତ୍‌ଙ୍କ ବାପା ସନ୍ତୋଷ କୁମାର ସାହୁ ଏବଂ ମା' କୁମୁଦିନୀଙ୍କୁ ସମସ୍ତେ ବୋଧ କରାଉଥିଲେ। ଦେଶସେବାରେ ପ୍ରାଣବଳି ଦେଇ ଗାଁ ମାଟିକୁ ଗର୍ବିତ କରିଥିବାରୁ ଅଜିତ୍‌ଙ୍କୁ ବାଃ ବାଃରେ ପୋତି ପକାଉଥିଲେ ଅନେକେ।

ମଙ୍ଗଳବାର ଅଜିତ୍‌ଙ୍କ ମରଶରୀର ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯିବା ପରେ ସାଙ୍ଗସାଥୀ, ଅଞ୍ଚଳର ସାମାଜିକ ସଙ୍ଗଠନ, ଯୁବଗୋଷ୍ଠୀଙ୍କ ସମେତ ଶତାଧିକ ଗ୍ରାମବାସୀ ଶେଷଦର୍ଶନ କରିବାକୁ ଅପେକ୍ଷା କରି ରହିଥିଲେ। ହେଲେ ବିମାନରେ ଯାନ୍ତ୍ରିକ ତ୍ରୁଟି ସେମାନଙ୍କ ଅପେକ୍ଷାକୁ ଆହୁରି କେତେ ଘଣ୍ଟା ବଢ଼ାଇ ଦେଇଛି।

ଏପରି କଷ୍ଟକର ମୁହୂର୍ତ୍ତରେ ପରିବାରର ସାହାରା ହେବାକୁ ଆସିଛନ୍ତି ଅଜିତ୍‌ଙ୍କ ନବବିବାହିତା ଭଉଣୀଙ୍କ ଶାଶୁ ପ୍ରତିମା ସାହୁ। ସେ ହିଁ ଅଜିତ୍‌ଙ୍କ ମା' ଏବଂ ବାପାଙ୍କୁ ଦୁଇଦିନ ହେଲା ବୁଝାଇ ଚାଲିଛନ୍ତି। ହେଲେ ସେମାନଙ୍କ ତୁଣ୍ଡରେ ମୁଠାଏ ଖାଇବାକୁ ଦେବାକୁ ଶତଚେଷ୍ଟା କରି ବିଫଳ ହୋଇଛନ୍ତି ସେ। ପୁଅର ମୃତ୍ୟୁରେ ଭାଙ୍ଗିପଡ଼ିଥିବା ମା'ବାପା ଏବେ କେବଳ ସ୍ମୃତି ବଖାଣୁଛନ୍ତି। ପୁଅ ଚାଲିଗଲା। ତା' ପାଇଁ କେତେ ସ୍ୱପ୍ନ ଦେଖିଥିଲୁ। ସବୁ ଭାଙ୍ଗିଗଲା। ଏବେ ଆଉ କାହାପାଇଁ ବଞ୍ଚିବୁ ବୋଲି ଉଭୟେ ବାହୁନି ବାହୁନି କାନ୍ଦୁଛନ୍ତି, ଯାହା ପରିବେଶକୁ ଅଧିକ ଭାବବିହ୍ୱଳ କରିଦେଇଛି।

ବାଙ୍ଗାଲୋରରେ କାମ କରୁଥିବା ବଡ଼ଭାଇ ଆଲୋକ ମଙ୍ଗଳବାର ରାତି ୨ଟାରେ ଘରେ ପହଞ୍ଚିଛନ୍ତି। ସାନଭାଇର ଶହୀଦ ହେବା ଘଟଣାକୁ ସେ ପ୍ରଥମେ ବିଶ୍ୱାସ କରିପାରି ନ ଥିଲେ। ଗଣମାଧ୍ୟମ, ସାଙ୍ଗସାଥୀଙ୍କଠାରୁ ଏକଥା ଜାଣି ସେ ଅଜିତ୍‌ଙ୍କୁ ଫୋନ୍ ଲଗାଇଥିଲେ। ହେଲେ ଫୋନ୍ ନ ଲାଗିବାରୁ ତାଙ୍କର ସନ୍ଦେହ ବଢ଼ିଥିଲା। ଘଟଣାର ସତ୍ୟତା ଜାଣିବା ପରେ ସେ ତୁରନ୍ତ ଟ୍ରେନ୍‌ରେ ଟିକେଟ୍ କାଟି ଢେଙ୍କାନାଳ ଆସିବାକୁ ଯୋଜନା କରିଥିଲେ। ହେଲେ ସୌଭାଗ୍ୟବଶତଃ ଉଡ଼ାଜାହାଜରେ ତାଙ୍କର ଟିକେଟ ହୋଇଗଲା। ଭୁବନେଶ୍ୱରରେ ମଙ୍ଗଳବାର ରାତି ୯ଟା ସୁଦ୍ଧା ପହଞ୍ଚିବା ପରେ ସେଠାରୁ ରାତି ୨ଟାରେ ଘରେ ପହଞ୍ଚିଛନ୍ତି। ତାଙ୍କ ମନରେ ମଧ ଫୁଟୁଥିଲା ପ୍ରଶାସନ ବିରୋଧୀ କ୍ଷୋଭ। ସେ କୋହଭରା କଣ୍ଠରେ କହିଥିଲେ, ଭାଇ ଶହୀଦ ହୋଇଛି ବୋଲି ସମସ୍ତେ ପିଠି ଥାପୁଡାଇ ଦେଉଛନ୍ତି। ହେଲେ ତା'ର ମରଶରୀର କେବେ ଆସିବ ସେ ସମ୍ପର୍କରେ କେହି କିଛି କହୁନାହାନ୍ତି। ଶହୀଦ ଭାଇଙ୍କୁ ନେଇ ବଡ଼ବଡ଼ କଥା କହୁଥିବା ଅଧିକାରୀମାନେ ଘର ବାରଣ୍ଡା ମାଡ଼ି ନ ଥିବା କହିବା ବେଳେ ବାରି ହୋଇପଡୁଥିଲା ତାଙ୍କ ମନର ଯନ୍ତ୍ରଣା।

### ହୋଲିରେ ଶେଷ ଦେଖା



ଅଜିତ୍‌ଙ୍କ ମୃତ୍ୟୁଖବର ଶୁଣି ଘରେ ପହଞ୍ଚିଥିବା ତାଙ୍କର ବାଲ୍ୟବନ୍ଧୁ ପ୍ରିୟରଞ୍ଜନ ବିଶ୍ୱାଳ କୁହନ୍ତି, ସେ କେନ୍ଦୁଝରର ଓଏସ୍ଏପି ୨ୟ ବାଟାଲିୟନରେ କାର୍ଯ୍ୟ କରୁଛନ୍ତି। କିଛିଦିନ ହେଲା ଡେପୁଟେଶନରେ ରାଉରକେଲାରେ ଅଛନ୍ତି। ହୋଲିରେ ଅଜିତ୍‌ଙ୍କ ସହ ଶେଷ ଥର ଦେଖା ହୋଇଥିଲା। ସୋମବାର ରାତି ୧୦ଟାରେ ଅଜିତ୍ ଭିଡିଓ କଲିଂ କରି କଶ୍ମୀରର କଷ୍ଟକର ପରିବେଶ ସମ୍ପର୍କରେ ସୂଚନା ଦେଇଥିଲେ। ଚାକିରି ଅଭିଜ୍ଞତାକୁ ନେଇ ସେ ଅଜିତ୍‌ଙ୍କୁ ବୁଝାଇଥିଲେ। କଶ୍ମୀରରେ ୩ ବର୍ଷ ଚାକିରି ଚାହୁଁଚାହୁଁ ସରିଯିବ। ଏଥିପାଇଁ ମାନସିକସ୍ତରରେ ପ୍ରସ୍ତୁତ ରହିବା ଜରୁରୀ ବୋଲି ଆଶ୍ୱାସନା ମଧ ଦେଇଥିଲେ। ହେଲେ ଅଜିତ୍ ଆଉ ଏ ଦୁନିଆଁରେ ନାହାନ୍ତି, ତାହା ବିଶ୍ୱାସ ହେଉନାହିଁ ବୋଲି ପ୍ରିୟରଞ୍ଜନ କହିଛନ୍ତି।

### ଆଉ କିଏ ମନବୁଝି ଔଷଧ ଆଣିଦେବ



ଅଜିତ୍‌ଙ୍କ ମୃତ୍ୟୁରେ ଭାଙ୍ଗିପଡ଼ିଛନ୍ତି ୭୮ ବର୍ଷର ଆଈ ହୀନ ସାହୁ। ନାତିର ଏପରି ମୃତ୍ୟୁ କୁ ସେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଅଜିତ୍ ଆସିଲେ ତାଙ୍କ ପାଇଁ ମିଠା, ଔଷଧ ମନଜାଣି ଆଣିଦେଉଥିଲେ। ଏବେ ଆଉ କିଏ ତାଙ୍କ ମନ କଥା ବୁଝିବ ବୋଲି କହିବାବେଳକୁ ତାଙ୍କ ଆଖି ଲୁହ ଛଳଛଳ ହୋଇଯାଇଥିଲା।

### କେବେ ଥକି ପଡ଼ୁନ୍ତିନି



କଲିକତାରେ କାର୍ଯ୍ୟରତ ଥିବା ସମୟରେ ଅଜିତ୍‌ଙ୍କ ସହ ସହକର୍ମୀ ତିର୍ତ୍ତୋଲ ଅଞ୍ଚଳର ନଗେନ୍ଦ୍ର ଛାଟୋଇ ଏବଂ ଭଗୀରଥିପୁରର ବିଘ୍ନରାଜ ମହାନ୍ତି ସହ ଘନିଷ୍ଠ ବନ୍ଧୁତା ସୃଷ୍ଟି ହୋଇଥିଲା। ସେମାନେ ଏକାଠି ଅନେକ ସୁନ୍ଦର ମୁହୂର୍ତ୍ତ ବିତାଇଛନ୍ତି। ଅଜିତ୍ ବଡ଼ମାନଙ୍କୁ ସମ୍ମାନ କରୁଥିଲେ। କାର୍ଯ୍ୟକ୍ଷେତ୍ରରେ କେବେ ବି ଥକି ପଡୁ ନ ଥିଲେ। ଏହା ଉଚ୍ଚପଦସ୍ଥ ଅଧିକାରୀଙ୍କୁ ମଧ ପ୍ରଭାବିତ କରୁଥିଲା। ଅଜିତ୍‌ଙ୍କ ବଳିଦାନ ସମସ୍ତଙ୍କ ପାଇଁ ପ୍ରେରଣା ସାଜିବ ବୋଲି ନଗେନ୍ଦ୍ର ଏବଂ ବିଘ୍ନରାଜ କହିଛନ୍ତି।



ଶହୀଦ ଅଜିତ୍‌ଙ୍କ ଭାଇ ଆଲୋକ ସାହୁ।



ଭାଜପା ନେତା ଶତ୍ରୁଘ୍ନ ଜେନା ଶୋକସନ୍ତପ୍ତ ପରିବାରକୁ ଭେଟି ଆଲୋଚନା କରୁଛନ୍ତି।

## ମନ୍ତ୍ରୀ ଜଣାଇଲେ ସମବେଦନା

ମାଟିର ପୁଅ ଅଜିତ୍ ସାହୁଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିଛନ୍ତି ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ। ସେ ନିଜର ଶୋକବାର୍ତ୍ତାରେ କହିଛନ୍ତି, ଅଜିତ୍‌ଙ୍କ ବିୟୋଗରେ ସେ ମର୍ମାହତ। କାମାକ୍ଷାନଗର ହେଉଛି ବୀରମାଟି। ଏ ମାଟିର ସନ୍ତାନ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ଇତିହାସ ସୃଷ୍ଟି କରିଚନ୍ତି। ଏହି ତାଲିକାରେ ଏବେ ଅଜିତ୍‌ଙ୍କ ନାଁ ସାମିଲ ହୋଇଛି। ତାଙ୍କ ସ୍ମୃତିକୁ ଉଜ୍ଜୀବିତ ରଖିବାକୁ ସମସ୍ତ ପ୍ରଚେଷ୍ଟା କରାଯିବ। କାମାକ୍ଷାନଗର ମାର୍କେଟ କମ୍ପ୍ଲେକ୍ସ ଏବଂ ଗ୍ରାମ ସ୍କୁଲକୁ ତାଙ୍କ ନାମରେ ନାମିତ କରିବାକୁ ସେ ଉଦ୍ୟମ କରିବେ ବୋଲି କହିଛନ୍ତି।

ସେହିପରି ଭାଜପା ନେତା ଶତ୍ରୁଘ୍ନ ଜେନା, ପ୍ରେମାନନ୍ଦ ଜେନା, ସରପଞ୍ଚ ପଠାଣି ବିଶ୍ୱାଳ ମଧ ଘରେ ପହଞ୍ଚି ଶହୀଦ ଅଜିତ୍‌ଙ୍କ ବାପା ସନ୍ତୋଷ ସାହୁଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ଏପରି କଠୋର ସମୟରେ ସମସ୍ତେ ପରିବାର ସହ ଥିବା ଭାଜପା ନେତାମାନେ କହିଛନ୍ତି।




### ୨ ନାଗୁଣୀ ସହ ୪୫ ଛୁଆ ଉଦ୍ଧାର

**ଭଦ୍ରକ ଅଫିସ, ୧୯।୬**

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ମା' ଭଦ୍ରକାଳୀ ମନ୍ଦିର ନିକଟସ୍ଥ ହାତୀସାହି ଗ୍ରାମର ସୁରେଶ ରାଉତଙ୍କ ଘରୁ ବୁଧବାର ୨ଟି ନାଗୁଣୀ ସହ ୪୫ ଛୁଆ ଉଦ୍ଧାର କରାଯାଇଛି। ଭଦ୍ରକର ସାପଧରାଳି ଶେଖ୍ ମିର୍ଜା ମଙ୍ଗଳବାର ଅପରାହ୍ନ ୫ଟାରୁ ବୁଧବାର ଅପରାହ୍ନ ପର୍ଯ୍ୟନ୍ତ ସୁରେଶଙ୍କ ଘର କାନ୍ଥ ଖୋଳି ସାପଗୁଡ଼ିକୁ ଉଦ୍ଧାର କରିଥିଲେ। ଗୁରୁବାର ଉଦ୍ଧାର ସାପଗୁଡ଼ିକୁ ବନ ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ଶତପଥୀ